୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.33 Bhubaneswar Tuesday March 11 2025 | ୨୭ତମ ବର୍ଷ ସଂଖ୍ୟା-୩୩ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୧, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS






ଗୋରଖପୁରସ୍ଥିତ ଉତ୍ତର-ପୂର୍ବ ରେଲୱେର ପ୍ରଧାନ ମୁଖ୍ୟ ପରିଚାଳକ ଶ୍ରୀ ଅନୁପ ଶତପଥୀ ଓ ବିଶିଷ୍ଟ ଲ୍ୟାଣ୍ଡସ୍କେପ ଡିଜାଇନର ତଥା ଯୋଗ ବିଶାରଦ ଶ୍ରୀମତୀ ପାରିଜାତ ଶତପଥୀଙ୍କୁ ଭୁବନେଶ୍ୱର ହୋଟେଲ ମେ'ଫେୟାରଠାରେ ରାଷ୍ଟ୍ରୀ ପତ୍ରକାର ମହାସଂଘ, ନୂଆଦିଲ୍ଲୀର ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢ୍ୌକନ ଦେଇ ସମ୍ମାନିତ କରୁଛନ୍ତି ।

## ବିଧାନସଭାରେ ଉତପାତ୍ କଲେ ତାରା, ଭାଙ୍ଗିଦେଲେ ସୁରମାଙ୍କ ମାଇକ୍



ଭୁବନେଶ୍ୱର,୧୦।୩(ପି.ଏନ): ବାଚସ୍ପତିଙ୍କ ପୋଡିୟମ ମାଇକ୍ ଭାଙ୍ଗିଦେଲେ ତାରା ବାହିନୀପତି । ଏସସି/ଏସଟି ବିଭାଗର ଖର୍ଚ୍ଚ ଦାବି ଆଲୋଚନାବେଳେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କଲେ ତାରା ।ନାରୀ ନିର୍ଯାତନା ଅଭିଯୋଗରେ ବିଧାନସଭା ଗୃହରେ କଂଗ୍ରେସର ହୋହଲ୍ଲା ଏବଂ ହଟ୍ଟଗୋଳ ଚାଲିଥିବାବେଳେ ଏ ପ୍ରକାର ବିଶୃଙ୍ଖଳା ଆଚରଣ ଦେଖିବାକୁ ମିଳିଛି ।ଭୁବନେଶ୍ୱର: ବାଚସ୍ପତିଙ୍କ ପୋଡିୟମ ମାଇକ୍ ଭାଙ୍ଗିଦେଲେ ତାରା ବାହିନୀପତି । ଏସସି/ଏସଟି ବିଭାଗର ଖର୍ଚ୍ଚ ଦାବି ଆଲୋଚନାବେଳେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କଲେ ତାରା ।ନାରୀ ନିର୍ଯାତନା ଅଭିଯୋଗରେ ବିଧାନସଭା ଗୃହରେ କଂଗ୍ରେସର ହୋହଲ୍ଲା ଏବଂ ହଟ୍ଟଗୋଳ ଚାଲିଥିବାବେଳେ ଏ ପ୍ରକାର ବିଶୃଙ୍ଖଳା ଆଚରଣ ଦେଖିବାକୁ ମିଳିଛି ।

## ବିଧାନସଭାରେ ଗୃହ ବିଭାଗର ଦାୟିତ୍ୱହୀନ ଉତ୍ତରକୁ ନେଇ ଚର୍ଚ୍ଚା



ଭୁବନେଶ୍ୱର,୧୦।୩(ପି.ଏନ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଦନାମ କରାଯାଉଛି କି ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ବିଧାନସଭାରେ ଗୃହବିଭାଗ ଯେଉଁ ଲିଖିତ ଉତ୍ତର ରଖୁଛି ତାକୁ ପ୍ରସ୍ତୁତ କରୁଛି କିଏ ବିଧାନସଭା ଭଳି ପବିତ୍ର ଗୃହରେ ଏଭଳି ଦାୟିତ୍ୱହୀନ ଓ ଅରୁଚିକର ଲିଖିତ ଉତ୍ତର ରଖିବାକୁ ପ୍ରଶାସନିକ କଳ ସାହାସ ଜୁଟାଉଛି କେମିତି ନା ଗୃହବିଭାଗ ଯେଉଁ ଉତ୍ତର ଦେଇଛି ତାହା ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ହୋଇଛି ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଏଭଳି ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଗୃହ ବିଭାଗ କୁହାଇଛି ଯାହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ବିଶେଷକରି ବୁଦ୍ଧିଜୀବୀ ମହଲରେ ଏହାକୁ ଗୃହ ବିଭାଗର ସଚିବ ଓ ଦାୟିତ୍ୱରେ ଥିବା ଅଫିସରମାନଙ୍କ ବେପରୁଆ ମନୋଭାବକୁ ପ୍ରମାଣିତ କରାଉଛି ବୋଲି ଚର୍ଚ୍ଚା ।ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ "ବଣ୍ଟି ଓ ବବଲିଙ୍କ କଳାସାମ୍ରାଜ୍ୟର ପର୍ଦ୍ଦାଫାଶ କେବେ ସରିବ ଓ କଳାନାଟକର ହାଇପ୍ରୋଫାଇଲ୍ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟବସାୟୀ ଓ କଳା ନାଟ୍ୟକରମାନେ କିଏ, ଏହି ଯୋଡିଙ୍କ ପଲଟିକାଲ ଲିଙ୍କ୍ ବାହାର କରିବେ କି" ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଏକ ଲିଖିତ ପ୍ରଶ୍ନ କରିଛନ୍ତି । ଏହି ପ୍ରଶ୍ନରେ ବିଧାୟକ ଶ୍ରୀ ସ୍ୱାଇଁ କୌଣସି ବ୍ୟକ୍ତିଙ୍କ ନାଁ କିମ୍ବା କେଉଁ ଅପରାଧ କଥା ଉଲ୍ଲେଖ କରିନାହାନ୍ତି।

## ରାଜ୍ୟରେ ବିକ୍ରି ହେଉଛି ନକଲି ଔଷଧ ଓ ନିମ୍ନମାନର ଇଞ୍ଜେକସନ

ଭୁବନେଶ୍ୱର,୧୦।୩(ପି.ଏନ): ଲୋକଙ୍କ ବିଶ୍ୱାସରେ ବିଷ। ରାଜ୍ୟରେ ବିକ୍ରି ହେଉଛି ନକଲି ଔଷଧ। ବାହାର ରାଜ୍ୟରୁ ଓଡ଼ିଶାକୁ ଆସୁଛି ନକଲି ମେଡିସିନ। ଏହା ସହିତ ବିକ୍ରି ହେଉଥିବା ଜିଙ୍କ୍ ସଲଫେଟ, ସୋଡିୟମ ଲାକଟେଟ, ହେପ୍ରେନ ସୋଡିୟମ ଇଂଜେକସନ ନିମ୍ନ ମାନର ବୋଲି ଜଣାପଡ଼ିଛି। ବିଧାନସଭାରୁ ମିଳିଛି ଏହି ତଥ୍ୟ। ବିଧାନସଭାରେ ଲିଖିତ ଉତ୍ତରରେ ଏହା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କଲିକତା, ହାଇଦ୍ରାବାଦରୁ ଓଡ଼ିଶାକୁ ଆସୁଥିଲା ନକଲି ମେଡିସିନ। ୩ ବର୍ଷରେ ୧୦୩ଟି ମେଡିସିନ ନିମ୍ନ ମାନର ବୋଲି ଧରାପଡ଼ିଛି। ଏଥିପାଇଁ ୪ ସପ୍ଲାୟରଙ୍କ ସମେତ ସେହି ସବୁ କମ୍ପାନୀକୁ କଳା ତାଲିକାଭୁକ୍ତ କରାଯାଇଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## ଲୋୟର ପିଏମଜିରେ ୧୨ ସଂଗଠନ କର୍ମଚାରୀଙ୍କ ରଣହୁଙ୍କାର, ସ୍ଥାୟୀ ନିଯୁକ୍ତି ଦେବାକୁ ନାରା




ଭୁବନେଶ୍ୱର,୧୦।୩(ପି.ଏନ): ଗାନ୍ଧୀ ମାର୍ଗରେ ଗର୍ଜନ।ବିଭିନ୍ନ ଦାବି ନେଇ ବର୍ଷିଲେ ୧୨ ସଂଗଠନର ସଦସ୍ୟ। ଡବଲ ଇଞ୍ଜିନ ସରକାରକୁ କଡା ସମାଲୋଚନା। ଓଷ୍ଠା ସମାବେଶରେ ଶିକ୍ଷୟିତ୍ରୀ ଖୋଲିଲେ ସରକାରଙ୍କ ମୁଖା। ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମହାସମାବେଶ। ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର। ଏବର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ଥିବାବେଳେ ଓଷ୍ଠାକୁ ଦେଇଥିବା ପ୍ରତିଶୃତିର ଭିଡିଓ ଦେଖାଇ ଖୋଲିଲେ ମୁଖା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ, ବିଜେପି ସରକାର ଆସିଲେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆଉ ଗାନ୍ଧୀ ମାର୍ଗକୁ ଆସିବେ ନାହିଁ।ନୂଆ ସରକାରକୁ ୧୦ ମାସ ହେଲାଣି, ହେଲେ ଓଷ୍ଠାର ଦାବି ପୂରଣ ହେଲାନି ।ଡବଲ ଇଞ୍ଜିନ ସରକାରଙ୍କ ଦୋମୁହାଁ ନିତୀ ଯୋଗୁଁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆଜି ରାଜରାସ୍ତାରେ। ଯୋଗ୍ୟ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଚାକିରୀ ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରି ପେନସନ ପ୍ରଦାନ ଦାବି କରିଛନ୍ତି। ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ ଅନୁଷ୍ଠାନକୁ ପୂର୍ଣ୍ଣ ଅନୁଦାନ ସହ ନୂତନ ପେନସନ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପେନସନ ଲାଗୁ କରିବାକୁ ଦାବି କରିଛନ୍ତି ।ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରିବାକୁ ଦାବି ଉଠିଛି ।ସେପଟେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ରାଜ୍ୟ ରୋଷେୟା ତଥା ସେବାୟତ ସଂଘର ୮ ଦଫା ଦାବି ନେଇ ଗାନ୍ଧୀ ମାର୍ଗରେ ଗର୍ଜନ କରିଛି ।ମାସିକ ସର୍ବନିମ୍ନ ବେତନ ୨୬ ହଜାର ଟଙ୍କା, ମହିଳାଙ୍କୁ ପ୍ରସୂତିକାଳିନୀ ଛୁଟି ଭଳି ଦାବି କରିଛି ।ଉଓଞ୍ଚଟ ନେତୃତ୍ୱରେ ଓଡିଶା ଆଶା କର୍ମୀ ସଂଘ ପକ୍ଷରୁ ୧୮ଦଫା ଦାବି ତୁରନ୍ତ କାର୍ଯ୍ୟକାରୀ କରିବାକୁ ଗଣବିକ୍ଷୋଭ କରିଛନ୍ତି।

## ଆମ୍ବୁଲାନ୍ସକୁ ୧୦୦ମିଟର ଘୋଷାଡିନେଲା ମାଲବାହୀ ଟ୍ରେନ, ଅଳ୍ପକେ ବର୍ତ୍ତିଗଲେ ୮ ଜଣ

ରାୟଗଡା,୧୦।୩(ପି.ଏନ): ରାୟଗଡାରୁ କୋରାପୁଟ ଯାଇଥିବା କେଆର ରେଳ ଲାଇନର କଞ୍ଚାମଯୋଡି ନିକଟରେ ଏକ ଆମ୍ବୁଲାନ୍ସକୁ ମାଲବାହୀ ଟ୍ରେନ ଧକ୍କା ଦେଇଛି। ତେବେ ଆମ୍ବୁଲାନ୍ସରେ ଥିବା ଆଶା ଦିଦିଙ୍କ ସହ ୮ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର କାଣିପାଇ, କଞ୍ଚା।ମଯୋଡି ,ଝାକୁଡୁ, ବେତଲାଙ୍ଗ ଓ ଚକ୍ରକଲାଙ୍ଗ ଗ୍ରାମର କେତେ ଜଣ ଲୋକଙ୍କ ଆଖି ଅପରେସନ ପାଇଁ ଅନନ୍ତ ଚକ୍ଷୁ ଚିକିତ୍ସାଳୟକୁ ଆମ୍ବୁଲାନ୍ସରେ ଅଣାଯାଉଥିଲା। ଶିକରପାଇ ଓ ଭାଲୁମସ୍କା ଷ୍ଟେସନ ମଝିରେ ଥିବା ରେଳ ଲାଇନ ଦେଇ ଚକ୍ଷୁ ଆମ୍ବୁଲାନ୍ସ ଯାଉଥିବାବେଳେ କଞ୍ଚାମଯୋଡି ନିକଟରେ ହଠାତ ଏକ ମାଲବାହୀ ଟ୍ରେନ ଆସି ଗାଡିକୁ ୧୦୦ମିଟର ପର୍ଯ୍ୟନ୍ତ ଘୋଷାରି ନେଇ ଯାଇଥିଲା ।କିନ୍ତୁ ଆମ୍ବୁଲାନ୍ସରେ ଥିବା ଚାଳକ ସମେତ ଜଣେ ଆଶା ଦିଦି ଓ ୮ଜଣ ରୋଗୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି । ମାଲବାହୀ ଟ୍ରେନଟି ବ୍ରେକ ମାରିବାରୁ ଆମ୍ବୁଲାନ୍ସରେ ଥିବା ଲୋକଙ୍କ ପ୍ରାଣ ଅଳ୍ପକେ ବଞ୍ଚିଯାଇଛି । ଖବର ମୁତାବକ ଘଟଣା ସ୍ଥଳରେ ପୂର୍ବରୁ ପ୍ରାୟ ୩ଥର ଦୁର୍ଘଟଣା ଘଟିଲାଣି।

## ଷ୍ଟାଲିନଙ୍କ ଡକରାରେ ଚେନ୍ନାଇ ଯିବେ କି ମୁଖ୍ୟମନ୍ତ୍ରୀ ମୋହନ ମାଝୀ




ଭୁବନେଶ୍ୱର,୧୦।୩(ପି.ଏନ): କେନ୍ଦ୍ର ପକ୍ଷରୁ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଜୋରଦାର ବିରୋଧ କରୁଛନ୍ତି। ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ସଂସଦରେ ତାମିଲନାଡୁ ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ଗୁରୁତ୍ୱ ହ୍ରାସ ପାଇବ ବୋଲି ସେ କହି ଚାଲିଛନ୍ତି। ଏହାକୁ ବିରୋଧ କରି ରାଜନୀତିକ ଦଳଗୁଡିକର ନେତାମାନଙ୍କୁ ନେଇ ସେ ଗୋଟିଏ ଯୁଗ୍ମ କମିଟି ଗଠନ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଆଜି ୭ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଚେନ୍ନାଇ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି ।ସେ ନିମନ୍ତ୍ରଣ କରିଥିବା ୭ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାଁ ରହିଛି। କେନ୍ଦ୍ରର ସୀମା ନିର୍ଦ୍ଧାରଣ ପ୍ରସ୍ତାବ ବିରୋଧରେ ହେବାକୁ ଥିବା ବୈଠକ ପାଇଁ ଖୋଦ ବିଜେପି ଶାସିତ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା ସମସ୍ତଙ୍କୁ ଚକିତ କରିଛି। ସେହିପରି ଓଡିଶା ମଧ୍ୟ ଦକ୍ଷିଣ ଭାରତୀୟ ରାଜ୍ୟ ନୁହେଁ। ମୋହନ ଚରଣ ମାଝୀଙ୍କ ବ୍ୟତୀତ ଷ୍ଟାଲିନ ବେଙ୍ଗଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ, କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ, କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ଥ ରେଡ୍ଡୀ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ମଧ୍ୟ ଚେନ୍ନାଇ ବୈଠକକୁ ଡାକିଛନ୍ତି। ଏମାନଙ୍କ ବ୍ୟତୀତ ଏହି ରାଜ୍ୟ ଗୁଡିକରେ କ୍ଷମତାରେ ନଥିବା ଦଳଗୁଡିକର ବରିଷ୍ଠ ନେତା ଓ ବିଜେପି ନେତାଙ୍କୁ ମଧ୍ୟ ସେ ନିମନ୍ତ୍ରଣ କରିଛନ୍ତି।

## ୫ ମାସ ହେଲାଣି ଧରାଶାୟୀ ପୁଞ୍ଜି ବଜାର, ନିବେଶକ ହରାଇଲେଣି ୯୦ ଲକ୍ଷ କୋଟି

ଭୁବନେଶ୍ୱର,୧୦।୩(ପିଏନ):ଦେବାଳିଆ ସ୍ଥିତିକୁ ଯାଉଛି ଭାରତ ! ଏପରି ଆଶଙ୍କା କଲେଣି ଅର୍ଥନୀତି ବିଶେଷଜ୍ଞ । ପ୍ରଚାରରେ ବ୍ୟସ୍ତ କେନ୍ଦ୍ର ସରକାର। ଚଳିତ ଆର୍ଥିକ ବର୍ଷର ଶେଷ କ୍ୱାର୍ଟରରେ ବି ଅଭିବୃଦ୍ଧି ନିରାଶଜନକ । ପୁଣି ଥରେ ଭାରତୀୟ ବଜାରରେ ଦେଖିବାକୁ ମିଳିଛି ୧୯୯୬ ସମୟର ସ୍ଥିତି । ଲଗାତାର ୫ ମାସ ହେଲାଣି ମାଟି କାମୁଡି ଚାଲିଛି ପୁଞ୍ଜି ବଜାର । ୯୦ ଲକ୍ଷ କୋଟି ଟଙ୍କା ହରାଇଲେଣି ପୁଞ୍ଜି ନିବେଶକାରୀ । ସେପଟେ କୋଭିଡ ପରେ କେନ୍ଦ୍ର ସରକାର ବିଦେଶୀ ପୁଞ୍ଜିକୁ ଆକୃଷ୍ଟ କରିବା ପାଇଁ ଯେପରି ଘୋଷଣା କରିଥିଲେ । ସେଥିରେ ବାସ୍ତବତା ନଥିବା ଅନୁଭବ କଲେଣି ବିଦେଶୀ ସଂସ୍ଥାଗତ ପୁଞ୍ଜି ନିବେଶକାରୀ । ଯେଉଁଥି ପାଇଁ ଏବେ ସବୁଦିନ ଭାରତୀୟ ଷ୍ଟକ ବଜାରରେ ସେମାନେ ତାଙ୍କ ଅଂଶଧନ ବିକ୍ରି କରି ବାହାରି ଯାଉଛନ୍ତି । ସ୍ଥିତି ଏମିତି ହେଲାଣି ଯେ, ବାରମ୍ବାର ବଜାର କ୍ରାସ୍ କରିବାରୁ ପ୍ରଚୁର କ୍ଷତି ସହିଲେଣି ଘରୋଇ ଖୁଚୁରା ନିବେଶକାରୀ । ଏପରିକି ଋଣ କରି ଆଉ ନିବେଶ କରିବାକୁ ସାହାସ ଜୁଟେଇ ପାରୁନାହାନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଆକ୍ରମଣ ସତ୍ତ୍ୱେ ବିଶ୍ୱର ଅନ୍ୟ ଷ୍ଟକ୍ ମାର୍କେଟ୍ରେ ନିବେଶକାରୀ ଲାଭବାନ ହେଉଛନ୍ତି । ଯେପରିକି, ସଂଘାଇ, ହଂଗ୍କଙ୍ଗ୍, ୟୁରୋପ ମାର୍କେଟ୍, କୋରିଆର କୋସ୍ପି, ଆମେରିକା ଷ୍ଟକ ମାର୍କେଟ୍ ଡାଓ ଜୋନ୍ସ, ନାସଡାକ୍, ଏସ୍.ଆଣ୍ଡ.ପି ଆଦି ମାର୍କେଟ ବୁମ୍‌ରେ ଚାଲିଛି । କିନ୍ତୁ କାହିଁକି କ୍ଷତିରେ ଭାରତୀୟ ଷ୍ଟକ ମାର୍କେଟ ? ବିଶେଷଜ୍ଞଙ୍କ ଅଭିଯୋଗ, ଏବେର କେନ୍ଦ୍ର ସରକାରଙ୍କ ନୀତିକୁ ଭରସା କରିପାରୁନାହାନ୍ତି ବିଦେଶୀ ପୁଞ୍ଜି ନିବେଶକାରୀ । କିଛି ମୁଷ୍ଟିମେୟ ପୁଞ୍ଜିପତିଙ୍କ ଫାଇଦା ପାଇଁ କେନ୍ଦ୍ର ସରକାର ଯେପରି ନୀତି ଆପଣାଉଛନ୍ତି, ତାହା ଦେଶର ଅର୍ଥନୀତିକୁ ଭିତରେ ଭିତରେ କଙ୍କାଳସାର କଲାଣି । ବେରୋଜଗାରୀ, ମହଙ୍ଗା ବଜାର ଯୋଗୁ ବେଶୀ ପ୍ରଭାବିତ ହେବାକୁ ଯାଉଛନ୍ତି ମଧ୍ୟବିତ୍ତ ।ପ୍ରତିଦିନ କ୍ରାସ୍ କରିବାରେ ଲାଗିଛି ମାର୍କେଟ୍। କେତେକାଂଶରେ ଏହା ଜାଣିଶୁଣି କରାଯାଉଛି ବୋଲି ଅଭିଯୋଗ ହୋଇଛି । କ୍ଷୁଦ୍ର ନିବେଶକାରୀଙ୍କୁ ବଜାରରୁ ଆଉଟ୍ କରିବାକୁ ବଡ଼ ପୁଞ୍ଜି ନିବେଶକାରୀ ଏଫ୍ଆଇଆଇଙ୍କ ସହ ମଧୁଚନ୍ଦ୍ରିକା କରି ମାର୍କେଟ୍ ଡାଉନ୍ କରିବାରେ ଲିପ୍ତ ରହୁଛନ୍ତି । ବିଦେଶୀ ପୁଞ୍ଜିନିବେଶକାରୀଙ୍କୁ ଭାରତରେ ନିବେଶ କରିବା ମହଙ୍ଗା ପଡୁଛି । ଏହାସହିତ ଲଗାତାର ଭାବେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଉଥିବାରୁ ସେମାନେ ଅଧିକ ଲାଭ ପାଉନାହାନ୍ତି । ଅନ୍ୟପଟେ ଚୀନ ସେୟାର ବଜାର ଶସ୍ତା ଥିବାରୁ ବିଦେଶୀ ପୁଞ୍ଜି ନିବେଶକାରୀ ଚୀନ ଷ୍ଟକ୍ ମାର୍କେଟରେ ପୁଞ୍ଜିଲଗାଣ ପାଇଁ ଆଗ୍ରହ ଦେଖାଉଛନ୍ତି । ଏହାସହିତ ଆମେରିକା ଫେଡେରାଲ ରିଜର୍ଭ ସୁଧ ହାର ବୃଦ୍ଧି କରିବାରୁ ଆମେରିକା ବଜାରରେ ବିନିଯୋଗ ପାଇଁ ଆଗଭର ହେଉଛନ୍ତି। ବିଶ୍ୱର ଅନ୍ୟ ମାର୍କେଟ୍ ଲାଭରେ ଚାଲୁଥିବା ବେଳେ ଭାରତୀୟ ସେୟାର ବଜାର କ୍ଷତି କରିବା ହିସାବ କିଛି ବୁଝି ହେଉନି ।

## ଲୋକଙ୍କ ଖାମଖିଆଲି ଗୁଣରୁ ପ୍ରଦୂଷିତ ହେଉଛି ଚିରସ୍ରୋତା ମହାନଦୀ



କଟକ,୧୦।୩(ପି.ଏନ): ଜହର ପାଲଟୁଛି ଓଡ଼ିଶାର ଲାଇଫଲାଇନ୍ । ପ୍ରଦୂଷିତ ହେଉଛି ଚିରସ୍ରୋତା ମହାନଦୀ । ଆବର୍ଜନା ଘେରରେ ଶ୍ୱାସରୁଦ୍ଧ ହେଉଛି ମଧୁର ସ୍ରୋତ । ଟିକିଏ ନଜର ପକାନ୍ତୁ । ଯେଉଁଆଡେ ଆଖି ବୁଲାଇଲେ, ଖାଲି କୁଢ଼କୁଢ଼ ଅଳିଆ ଓ ଆବର୍ଜନା । ଲାଗୁଛି ନଦୀ ଗର୍ଭକୁ ସତେଯେମିତି ଡମ୍ପିଂୟାର୍ଡ ଭାବି ନେଇଛନ୍ତି ଲୋକେ । କିଏ ଆବର୍ଜନା ପାଣି ଛାଡୁଛି ତ କିଏ ଅଳିଆ ଗଦାଇ ଚାଲି ଯାଉଛି । ଏପରିକି ନିଶା ବୋତଲ ମଧ୍ୟ ଭାସୁଛି । ଯେଉଁ ନଦୀ ଓଡ଼ିଶାବାସୀଙ୍କ ଜୀବନ ଧାରଣର ଉତ୍ସ, ଆଜି ଲୋକଙ୍କ ଖାମଖିଆଲି ନୀତିରୁ ପ୍ରଦୂଷିତ ହେବାରେ ଲାଗିଛି । ଯାହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ ଓ ପରିବେଶବିତ । ନଦୀରେ ୮୦ ପ୍ରତିଶତ ପ୍ଲାଷ୍ଟିକ ପଡୁଥିବାରୁ ଏହା ଜୀବ ଜଗତ ଓ ଚାଷ ଉପରେ ସିଧା ପ୍ରଭାବ ପକାଇବା ଆଶଂକା ସୃଷ୍ଟି ହୋଇଛି । ତେଣୁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି ।ମହାନଦୀର ସୁରକ୍ଷା ଓ ବିକାଶ ଦାୟିତ୍ୱ ଜଳ ସମ୍ପଦ ବିଭାଗ ହାତରେ । ଜିଲ୍ଲା ପ୍ରଶାସନ ଏହାର ତଦାରଖ କରିବା କଥା । କିନ୍ତୁ କେହି ଏଥିପ୍ରତି ଧ୍ୟାନ ଦେଉଥିବା ଅଭିଯୋଗ ହୋଇଛି । ପ୍ରତିଦିନ ତୁଠରେ ଓ ନଦୀ କୁଳରେ ମଳମା ପଡୁଛି । କିନ୍ତୁ ଏହା ଉପରେ ରୋକ ନଲଗାଇ ଜଳ ସମ୍ପଦ ବିଭାଗ ଏହା ଦେଖିବା ଓ ପଦକ୍ଷେପ ନେବା ଦରକାର ବୋଲି କହିଛନ୍ତି ମେୟର ।

## ଦୁର୍ନୀତିରେ ବୁଡିଛନ୍ତି ସରକାରୀ ବାବୁ, ୫ ବର୍ଷରେ ଗିରଫ ହୋଇଛନ୍ତି ୮୨୭ ସରକାରୀ ଅଧିକାରୀ

ଭୁବନେଶ୍ୱର,୧୦।୩(ପି.ଏନ): ରାଜ୍ୟରେ ବଢ଼ି ଚାଲିଛି ଦୁର୍ନୀତି । ଗିରଫ ହେଉଛନ୍ତି ସରକାରୀ ବାବୁ । ଗତ ୫ ବର୍ଷରେ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇଛନ୍ତି ୮୨୭ ସରକାରୀ କର୍ମଚାରୀ । ୪୩୬ ସରକାରୀ କର୍ମଚାରୀ ବିଭିନ୍ନ ମୋକଦ୍ଦମାରେ ଦଣ୍ଡିତ ହୋଇଛନ୍ତି । ଏବେ ମଧ୍ୟ ୧୧୩୧ ଅଧିକାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ଚାର୍ଜ ସିଟ ଦାଖଲ କରିଥିବା ବେଳେ ଚାଲିଛି ବିଚାର ପ୍ରକ୍ରିୟା ଚାଲୁରହିଛି ପୂର୍ତ୍ତ, ପଞ୍ଚାୟତିରାଜ, ରାଜସ୍ୱ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଗୃହ, ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗରେ ସର୍ବାଧିକ ଦୁର୍ନୀତି ହୋଇଛି । ଏନେଇ ଗୃହରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ରାଜ୍ୟରେ ଦୁର୍ନୀତି ନିବାରଣ ସଂସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ନୂତନ ଭାବେ ୪୮ ଗୋଟି ପଦବୀ ସୃଷ୍ଟି କରିଥିବା ନେଇ ମଧ୍ୟ କହିଛନ୍ତି ମୋହନ ମାଝୀ ।






# ସଂଘର୍ଷ କାହାଣୀ ବଖାଣିବେ ନୁସ୍‌ରତ୍

ଏକା ଏକା ଝିଅଟିଏ ଜୀବନ ଜିଇବା ପାଇଁ ଓ ପରିବାର ପ୍ରତିପୋଷଣ ପାଇଁ ଲଢ଼େଇ କରୁଛି। ଏହା ଭିତରେ ସେ କେବେ କେବେ ଏ ଭୟଙ୍କର ଦୁନିଆ ଭିତରେ ଫସିଯାଉଛି। ସମାଜରେ ଆଗକୁ ବଢ଼ିବାର ସ୍ୱପ୍ନ ଓ ଆକାଂକ୍ଷା ନେଇ ସେ ସଂଘର୍ଷ କରୁଛି। ଏଭଳି ଏକ କାହାଣୀକୁ ନେଇ ମୁକ୍ତିଲାଭ କରିବାକୁ ଯାଉଛି ଚଳଚ୍ଚିତ୍ର 'ଅକେଲି'। ଏହାର ମୁଖ୍ୟ ଚରିତ୍ର ସାଜିଛନ୍ତି ଅଭିନେତ୍ରୀ ନୁସରତ୍। ନୁସରତ୍ କହିଛନ୍ତି ଚଳଚ୍ଚିତ୍ର 'ଅକେଲି'ରେ ମୋ ଚରିତ୍ର ଦେଖି ଦର୍ଶକ ଅବଶ୍ୟ ଅନୁଭବ କରିବେ ଯେ ଜଣେ ଝିଅ ଜୀବନ ଜିଇବା ପାଇଁ କେତେ ସଂଗ୍ରାମ କରିପାରେ। ଆହୁରି ମଧ୍ୟ ସେ କହିଛନ୍ତି- ପରିବାରରେ ପ୍ରେମ ଓ ସୁରକ୍ଷା; ଏ ଦୁଇଟି ଜରୁରୀ। ମନ ଶାନ୍ତି ପାଇବା ପାଇଁ ପ୍ରେମ ଏବଂ ଜୀବନ ପାଇଁ ସୁରକ୍ଷା- ଏ ଦୁଇଟି ନ ଥିଲେ ଜୀବନ ଆଗକୁ ଯାଇପାରିବ ନାହିଁ। ଦାଶାମି ଷ୍ଟୁଡିଓଜ୍, ନିତିନ୍ ବୈଦ୍ୟ, ନିନାଦ ବୈଦ୍ୟ, ଅପର୍ଣ୍ଣା ପଦଗୋଆଙ୍କର, ଭିକ୍କି ସିଦାନା, ସୁଶାନ୍ତ ଶାହ ପ୍ରଯୋଜିତ ଏବଂ ପ୍ରଣୟ ମେଶ୍ରମ ନିର୍ଦ୍ଦେଶନାରେ ନିର୍ମିତ ହେଇଛି ଚଳଚ୍ଚିତ୍ର 'ଅକେଲି'। ପ୍ରଯୋଜକ ନିନାଦ କହିଛନ୍ତି- ଗୋଟିଏ ପରିବାରକୁ ସୁଖ ଓ ସୁରକ୍ଷା ଦେବା ପାଇଁ ଝିଅଟିଏ କେତେ ଲଢ଼େଇ କରିପାରେ ତାହା 'ଅକେଲି' ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏଥିରେ ନୁସରତ୍‌ଙ୍କ ବ୍ୟତୀତ ନିଶାନ୍ତ ଶାହ, ତାଶି ହାଲେବୀ, ଅମୀର ବୋଟର୍ସ ମଧ୍ୟ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ। ନିକଟରେ ଏହାର ଟିଜର ରିଲିଜ୍ କରିଛି। ଅଗଷ୍ଟ ୧୮ ତାରିଖରେ ଏଇ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାକୁ ଯାଉଛି। ୨୦୦୬ରେ ପରଦା ଦୁନିଆରେ ପାଦ ଦେଇ ନୁସରତ୍ 'ଜୟ ସନ୍ତୋଷୀ ମା'ରେ ଅଭିନୟ କରିଥିଲେ। ପରେ କାଲ କିସନେ ଦେଖା, ତାଜ ମହଲ, ଲଭ୍ ସେକ୍ସ ଔର ଧୋକ୍କା, ପ୍ୟାର କା ପଂଚନାମା, ଆକାଶବାଣୀ, ସୋନୁ କେ ଟିଟୁ କୀ ସୁଇଟି, ଡ୍ରିମ୍ ଗର୍ଲ, ମରଯାଓଁ, ଛଲଙ୍ଗ, ସେଲଫି, ରାମ ସେତୁ, ଛତ୍ରପତି ଭଳି କୋଡ଼ିଏରୁ ଅଧିକ ସିନେମାରେ ଅଭିନୟ କରିଛନ୍ତି। ମହାରାଷ୍ଟ୍ର ଝିଅ ନୁସରତ କ୍ୟାଡବରି ଓ ବରୋପ୍ଲସ ବିଜ୍ଞାପନର ମଡେଲ।





# କଳା ବିଲେଇ ରାସ୍ତା ଅତିକ୍ରମ କରିବା କାହିଁକି ଅଶୁଭ ?

ଶକୁନ ଶାସ୍ତ୍ରରେ ଏପରି ଅନେକ କଥା ବର୍ଣ୍ଣନା କରାଯାଇଛି ଯାହା ଶୁଭ-ଅଶୁଭ ଘଟଣାକୁ ସୂଚାଇଥାଏ। ଶକୁନ ଶାସ୍ତ୍ରରେ, କଳା ବିଲେଇ ବାଟ ଓଗାଳିବା ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ। ଆପଣ ଘରୁ ବାହାରୁଥିବା ସମୟରେ ଯଦି କଳା ବିଲେଇ ରାସ୍ତା ଅତିକ୍ରମ କରେ, ତେବେ ଏହା କିଛି ଅଶୁଭ ଘଟଣାକୁ ସୂଚିତ କରେ। ତେବେ ଆସନ୍ତୁ ଜାଣିବା କାହିଁକି କଳା ବିଲେଇର ରାସ୍ତା ଅତିକ୍ରମ କଲେ ଅଶୁଭ ବୋଲି ବିବେଚନା କରାଯାଏ। କଳା ବିଲେଇକୁ ପ୍ରାୟତଃ ତନ୍ତ୍ର-ମନ୍ତ୍ର ସାଧନାରେ ବ୍ୟବହାର କରାଯାଏ। କଳା ବିଲେଇକୁ କଳା ଶକ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ। ବିଶ୍ୱାସ କରାଯାଏ କଳା ବିଲେଇ ଅନେକ ସମସ୍ୟା ଆଣିଥାଏ। ଯଦି କଳା ବିଲେଇ ଆପଣଙ୍କ ସାମ୍ନାରେ ରାସ୍ତା ଅତିକ୍ରମ କରେ, ତେବେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଥାଏ। ଯଦି କଳା ବିଲେଇ ଘରେ ରଖାଯାଇଥିବା କ୍ଷୀର ପିଇଥାଏ, ତେବେ ସେହି ଘରେ ଆର୍ଥିକ ସମସ୍ୟା ହେବାର ସମ୍ଭାବନା ରହିଥାଏ। ଶକୁନ ଶାସ୍ତ୍ର ଅନୁଯାୟୀ, ଯଦି ଆପଣ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବାହାରକୁ ଯାଉଛନ୍ତି ଏବଂ ଏପରି ପରିସ୍ଥିତିରେ ଏକ କଳା ବିଲେଇ ଆପଣଙ୍କ ରାସ୍ତା ଅତିକ୍ରମ କରେ, ତେବେ ଆପଣଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ। ଯଦି ବିଲେଇ ଘରେ ବାରମ୍ବାର ଆସେ, ତେବେ ଏହା ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଏହାବ୍ୟତୀତ କଳା ବିଲେଇ ଶରୀର ଉପରେ ଡେଇଁପଡିଲେ, ତେବେ ଆପଣ ମଧ୍ୟ ଅସୁସ୍ଥ ହୋଇପାରନ୍ତି। ଯଦି ଆପଣ ଘରେ ବିଲେଇର କାନ୍ଦିବାର ଶବ୍ଦ ଶୁଣନ୍ତି, ଏହାର ଅର୍ଥ ହେଉଛି ଆପଣ କିଛି ଖରାପ ଖବର ପାଇପାରନ୍ତି।

# ଭାରତର ସବୁଠୁ ଛୋଟ ଏୟାରପୋର୍ଟ

ଯାତାୟାତର ସବୁଠାରୁ ଦ୍ରୁତ ମାଧ୍ୟମ କଥା ଯଦି କୁହାଯାଏ ତେବେ ତାହା ହେଉଛି ବିମାନ। ବିମାନରେ ଘଂଟାକର ଯାତ୍ରା ମିନିଟକରେ ସମ୍ଭବ ହୁଏ। ବିମାନ ଯାତ୍ରାରେ ସମୟ ବଂଚିବା ସହ ଆରାମଦାୟକ ଯାତ୍ରା ମଧ୍ୟ ହୋଇଥାଏ। ଭାରତରେ ଅନେକ ଅନ୍ତର୍ଜାତୀୟ ଓ ଘରୋଇ ଏୟାରପୋର୍ଟ (ବିମାନବନ୍ଦର) ରହିଛି। ସେଥିରୁ କିଛି ଏୟାରପୋର୍ଟ ବଡ ହୋଇଥିବା ବେଳେ ଆଉ କିଛି ଛୋଟ। ତେବେ ଭାରତରେ ସବୁଠାରୁ ଛୋଟ ଏୟାରପୋର୍ଟ କେଉଁଟା ତାହା ଅନେକ ହୁଏତ ଜାଣି ନଥିବେ। ଭାରତର ସବୁଠାରୁ ଛୋଟ ଏୟାରପୋର୍ଟର ନାମ ହେଉଛି ବଲ୍‌ଜେକ ଏୟାରପୋର୍ଟ। ଯାହାକୁ ତୁରା ଏୟାରପୋର୍ଟ ନାମରେ ମଧ୍ୟ ଜଣାଯାଏ। ଏହି ଏୟାରପୋର୍ଟ ମେଘାଳୟର ଉତ୍ତର-ପୂର୍ବରେ ୩୩ କି.ମି. ଦୂରରେ ରହିଛି। ଏହି ଏୟାରପୋର୍ଟର ନିର୍ମାଣ କେବଳ ୨୦ ଆସନ ବିଶିଷ୍ଟ ଡୋର୍ନିୟର-୨୨୮ ବିମାନ ପାଇଁ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଧିକ ଜମି ଅଧିଗ୍ରହଣ କରି ଏହାର ସମ୍ପ୍ରସାରଣ ପାଇଁ ଯୋଜନା ହୋଇଥିଲା। ଭାରତରେ ଥିବା ବିଭିନ୍ନ



ଏୟାରପୋର୍ଟର ରନୱେର ଲମ୍ବ ଏକାଧିକ କି.ମି ହୋଇଥାଏ। କିନ୍ତୁ ତୁରା ଏୟାରପୋର୍ଟର ରନୱେ ମାତ୍ର ୧ କି.ମି.। ଯେଉଁଠାରେ କେବଳ ଛୋଟ ବିମାନର ଉଡାଣ ଓ ଅବତରଣ ଦେଖିବାକୁ ମିଳେ। ତେଣୁ ରନୱେ କାରଣରୁ ଏହାକୁ ଭାରତର ସବୁଠାରୁ ଛୋଟ ଏୟାରପୋର୍ଟ ବୋଲି କୁହାଯାଉଛି। ଏହି ଏୟାରପୋର୍ଟ ନିର୍ମାଣ ଲାଗି ୧୯୮୩ରେ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଥିଲା। ୧୯୯୫ରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଲା। ୧୨ କୋଟି ୫୨ ଲକ୍ଷ ଟଙ୍କାରେ ଏହାର ନିର୍ମାଣ କରାଯାଇଥିଲା। ୨୦୦୮ରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେଲା।


# ମାଆ-ବାପାଙ୍କ ସହ ଲଢିଥିଲେ ଅମିଶା

ବଲିଉଡ ଅଭିନେତ୍ରୀ ଅମିଶା ପଟେଲଙ୍କ ଅଭିନୀତ ଆଗାମୀ ଚଳଚ୍ଚିତ୍ର ଗଦର-୨ ପ୍ରେକ୍ଷାଳୟରେ ଟିକେଟ୍ ପ୍ରି-ବୁକିଂ ଆରମ୍ଭ ହୋଇଛି। ଲୋକମାନେ ଏହି ଚଳଚ୍ଚିତ୍ରକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଗଦର ଫିଲ୍ମ ସୁପର ହିଟ୍ ହେବା ପରେ ବର୍ତ୍ତମାନ ଗଦର-୨ ରିଲିଜ୍ ହେବାକୁ ଯାଉଛି। ଏହି ଚଳଚ୍ଚିତ୍ର ହେତୁ ଅଭିନେତ୍ରୀ ଅମିଶା ପଟେଲ ପୁଣି ଥରେ ଲାଇମଲାଇଟକୁ ଆସିଛନ୍ତି। ଅମିଶା ପଟେଲଙ୍କ କ୍ୟାରିୟର ବହୁତ ଅପ୍ ଆଣ୍ଡ ଡାଉନ୍ ରେ ଚାଲୁଛି। କ୍ୟାରିୟର ଆରମ୍ଭରେ ସେ ଦୁଇଟି ବଡ ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ପାଇଲେ। ପ୍ରଥମ ନାମ ହୃତିକ ରୋଶନଙ୍କ ଫିଲ୍ମ 'କାହୋ ନା ପ୍ୟାର' ଏବଂ ଦ୍ୱିତୀୟ ଚଳଚ୍ଚିତ୍ରଟି ହେଉଛି ଗଦର। ଦୁଇଟି ବଡ ହିଟ୍ ପରେ ଅମିଶାଙ୍କ କ୍ୟାରିଅର୍ ତଳକୁ ତଳକୁ ଖସିବାକୁ ଲାଗିଲା। କୁହାଯାଏ ଯେ ଅମିଶାଙ୍କ ପତନ ତାଙ୍କ ବ୍ୟକ୍ତିଗତ ଜୀବନ କାରଣରୁ ହୋଇଥିଲା। କହିବାକୁ ଗଲେ କ୍ୟାରିୟରର ଆରମ୍ଭରେ ସେ ତାଙ୍କ ପିତାମାତାଙ୍କ ସହ ଝଗଡା କରିବାକୁ ପଛାଇନଥିଲେ। ଅଭିଯୋଗ ଥିଲା କି, ତାଙ୍କ ବାପା ମାଆ ଟଙ୍କା ହଡପ କରୁଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରଥମ ଦୁଇଟି ଚଳଚ୍ଚିତ୍ରର ଅଭୂତପୂର୍ବ ସଫଳତା ପରେ ଅମିଶା ପଟେଲଙ୍କ ଘର କଳି ଝଗଡା ହେବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ମାମଲା ଏତେ ବଢିଗଲା ଯେ, ମାମଲା କୋର୍ଟରେ ପହଂଚିଲା। ଅମିଶା ସର୍ବସାଧାରଣରେ ତାଙ୍କ ପିତାମାତାଙ୍କୁ ସେମାନଙ୍କର ରୋଜଗାରର ଅପବ୍ୟବହାର କରିଥିବା ଅଭିଯୋଗ କରିଥିଲେ। ଯେତେବେଳେ ସେ ଏହାକୁ ବିରୋଧ କରିଥିଲେ ସେତେବେଳେ ତାଙ୍କୁ ମଧ୍ୟ ମାଡ ପଡିଥିଲା। ଅମିଶା ପଟେଲ ମଧ୍ୟ ତାଙ୍କ ପିତାମାତାଙ୍କ ବିରୋଧରେ ୧୨ କୋଟି ଟଙ୍କା ନେଇଥିବା ଅଭିଯୋଗ କରିଥିଲେ। ଚଳଚ୍ଚିତ୍ର ନିର୍ଦ୍ଦେଶକ ବିକ୍ରମ ଭଟ୍ଟଙ୍କ ସହ ଘନିଷ୍ଠତା ହେତୁ ଏପରି ଭୋଗିବାକୁ ପଡିଥିଲା।



# ଯୋଗ ବଢ଼ାଏ ସ୍ମରଣଶକ୍ତି

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହାଦ୍ୱାରା ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଚଂଚଳ ରଖିବା ପାଇଁ ଯୋଗକୁ ବିକଳ୍ପ ଭାବେ ସମସ୍ତେ ଆପଣେଇ ପାରନ୍ତି। ଯୋଗ କରିବାଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜବୁତ୍ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତଚାପକୁ ଏହା ସନ୍ତୁଳିତ ଅବସ୍ଥାରେ ରଖେ ଯଦ୍ୱାରା ଡାଇବେଟିସ୍, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍ସର ଭଳି ଅନେକ ରୋଗରୁ ଆମେ ରକ୍ଷା ପାଇଥାଉ। ଅନେକ ସମୟରେ ଅଧିକାଂଶ ଲୋକ ଚାପର ବଶବର୍ତ୍ତୀ ହୋଇ ଠିକ୍ ଭାବେ ଶୋଇ ପାରନ୍ତି ନାହିଁ। ଫଳରେ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ଏଥିରୁ ଯୋଗ କେତେକାଂଶରେ ଉପଶମ ଦେଇଥାଏ।



ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବ୍ୟଞ୍ଜନ ବର୍ଣ୍ଣ। ସେଥିରେ ଆ'କାର, ଉ'କାର, ଓ'କାର ଏବଂ 'ର' ଫଳା ଲଗାଇଲେ ସେ ସବୁ ଏକାକ୍ଷର ହୋଇ ନୂଆ ଶବ୍ଦ ପାଲଟି ଯାଆନ୍ତି।




# ରଙ୍ଗ ନୁହେଁ ନାମ ପରିବର୍ତ୍ତନ ଦରକାର







ଜାନୁଆରୀ ୨୬ରେ ଯେତେବେଳେ ସମଗ୍ର ଦେଶ ଗଣତନ୍ତ୍ର ଦିବସ ପାଳନ କରୁଥିଲା, ୭୩ତମ ଗଣତନ୍ତ୍ର ଦିବସରେ ଜଣେ ଅନ୍ୟ ଜଣଙ୍କୁ ଶୁଭେଚ୍ଛା ଜଣାଉଥିଲା ଠିକ୍ ସେହି ସମୟରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ସ୍ଥିତ କୋଠାପେଟରେ ଜାତୀୟ ପତାକା ଉତୋଳନ କରିବାକୁ ଯାଉଥିବା ଯୁବକଙ୍କୁ ପୋଲିସ ଗିରଫ କରିନେଇଥିଲା । ତ୍ରିରଙ୍ଗା ଉତୋଳନ କରିବାର ଦଣ୍ଡ ଗିରଫଦାରୀ । ୩୦ ବର୍ଷ ପରେ ଶ୍ରୀନଗର ଲାଲ୍‌ଚୌକ ଅଂଚଳରେ ଥିବା କ୍ଲକ ଟାୱାର ବା ଘଂଟାଘର ଉପରେ ଯଦି ସେହି ସମୟରେ ଜାତୀୟ ପତାକା ଉଡା ଯାଇ ପାରିଲା ତେବେ କୋଠାପେଟରେ କାହିଁକି ତ୍ରିରଙ୍ଗା ଉଡାଯାଇପାରିଲା ନାହିଁ ! ସୂଚନାଯୋଗ୍ୟ ଯେ, ଘଂଟାଘର ଉପରେ ୩୦ ବର୍ଷ ପୂର୍ବେ ବରିଷ୍ଠ ବିଜେପି ନେତା ମୁରଲୀ ମନୋହର ଯୋଶୀ ୧୯୯୨ ମସିହାରେ ଜାତୀୟ ପତାକା ଉତୋଳନ କରିଥିଲେ । ଏବେ ଚର୍ଚ୍ଚା ଚାଲିଛି ତ୍ରିରଙ୍ଗା ନୁହେଁ ଜିନ୍ନା ଟାୱାର ସମ୍ମାନ ପାଇଁ କିଛି ଲୋକ ଲାଗିଛନ୍ତି । କୋଠାପେଟରେ ଜାତୀୟ ପତାକା ଉତୋଳନ କରିବାକୁ ଅନ୍ୟ କେହି ଅଟକାଇ ନଥିଲେ । ଦେଶର ଆଇନ ରକ୍ଷକମାନେ ତାଙ୍କୁ ଅଟକାଇ ଥିଲେ। ପୋଲିସ କହୁଛି କୋଠାପେଟ ଅଂଚଳରେ ନିଷେଧାଜ୍ଞା ଜାରି କରାଯାଇଥିଲା । ଏଠାରେ ପତାକା ଉତୋଳନ କଲେ ପରିବେଶ ଖରାପ ହୋଇଥାନ୍ତା । ଯୁବକମାନେ ନିଷେଧାଦେଶ ଉଲ୍ଲଂଘନ କରି ଜିନ୍ନା ଟାୱାର ଉପରେ ପତାକା ଉତୋଳନ କରିବାକୁ ଯାଉଥିଲେ ତେଣୁ ତାଙ୍କୁ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଇ ପରେ ଛାଡି ଦିଆଯାଇଛି । ପୋଲିସର ସଫେଇ ଯାହା ହେଉନା କାହିଁକି, ଜିନ୍ନାଙ୍କ ସମ୍ମାନରେ ତ୍ରିରଙ୍ଗାର ଅପମାନ ଠିକ୍ ହେଲା ନାହିଁ ।

ଏବେ ପ୍ରଶ୍ନ ଉଠୁଛି ଯେଉଁମାନେ ଜାତୀୟ ପତାକା ଉତୋଳନ କରିବାକୁ ଯାଉଥିଲେ ସେମାନେ ମହତ୍ କାର୍ଯ୍ୟ କରୁଥିଲେ ନା ଦେଶଦ୍ରୋହୀ କାର୍ଯ୍ୟ କରୁଥିଲେ ? ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ସ୍ଥିତ କୋଠାପେଟ ଭାରତରେ ନା ଭାରତ ବାହାରେ ? ତେବେ କଣ ପାଇଁ ଏଭଳି ମହାନ କାମ କରିବାକୁ ଯାଉଥିବା ଯୁବକମାନଙ୍କୁ ଅଟକାଇ ଦିଆଗଲା ? ତ୍ରିରଙ୍ଗା ଉତୋଳନ କରିବା କଣ ଅପରାଧ ? ଜିନ୍ନା ଟାୱାର ସମ୍ମାନ ବଡ ନା ତ୍ରିରଙ୍ଗାର ସମ୍ମାନ ବଡ ? ଜିନ୍ନା ଟାୱାର ସମ୍ମାନ ରଖିବା ଚକରରେ ଏଠି ଜାତୀୟ ପତାକାକୁ ଅପମାନ କରାଯାଇଛି । ଦୁଃଖର ବିଷୟ ଆଜି ବି କିଛି ରାଜନୈତିକ ଦଳ ଜିନ୍ନାଙ୍କୁ ସର୍ଦ୍ଦାର ପଟେଲଙ୍କ ସହୁତ ତୁଳନା କରୁଛନ୍ତି । ଜିନ୍ନା ଚୌକ, ଜିନ୍ନା ଟାୱାର, ଟିପୁ ସୁଲତାନ ମୈଦାନ ଆଦି ନାମ କରଣକୁ ରଖିବାକୁ ଚାହୁଁଛନ୍ତି । ଭୋଟ ବ୍ୟାଙ୍କ ଚକରରେ ତାଲିବାନର ଗୁଣଗାନ, ଜିନ୍ନା ମହାନ କହିବାକୁ ବାଧ୍ୟ ହେଉଛନ୍ତି । ତୁଷ୍ଟିକରଣ ଭାଇରସ ଯୋଗୁଁ ଏପରି ହେଉଛି । ସ୍ୱାଧୀନତାର ୭୪ ବର୍ଷ ବିତି ଯାଇଥିଲେ ମଧ୍ୟ କାହିଁକି ଆମେ ଦେଶ ବିଭାଜନକାରୀଙ୍କ ନାମକୁ ଜପାମାଳି କରି ରଖିବା । ଏବେ ପ୍ରଶ୍ନ ଉଠୁଛି କେଉଁଦିନ ଟିପୁ ସୁଲତାନ ମୈଦାନ ନାମ ହଟାଇ ଦିଆଯିବ ? କେଉଁ ଦିନ ଜିନ୍ନା ଟାୱାର ନାମ ହଟାଇ ଦିଆଯିବ ?

ମହମ୍ମଦ ଅଲ୍ଲୀ ଜିନ୍ନା ହେଉଛନ୍ତି ଭାରତକୁ ଭାଗ ଭାଗ କରିଥିବା ବ୍ୟକ୍ତି । ସେ ଦେଶର ବିଭାଜନ ପାଇଁ ଦାୟୀ । ଜିନ୍ନାଙ୍କ ଯୋଗୁଁ ଭାରତର ଯେଉଁ ବିଭାଜନ ହେଲା ସେହି ସମୟରେ ଲକ୍ଷ ଲକ୍ଷ ଜନତାଙ୍କର ଜୀବନ ଯାଇଛି । କୋଟି କୋଟି ଲୋକ ବେଘର ହୋଇ ଯାଇଛନ୍ତି । ସେହି ବିଭାଜନର କ୍ଷତ ଏପର୍ଯ୍ୟନ୍ତ ଶୁଖିନାହିଁ । ଜିନ୍ନା ଟାୱାର ଆମ ଦେଶ ପାଇଁ କି କାମରେ ଲାଗିବ ? ଆଗାମୀ ପୀଢିମାନେ ଜିନ୍ନା ଟାୱାର ଦେଖି ଦେଶପ୍ରେମ ନା ଦେଶଦ୍ରୋହ କଥା ଶିଖିବେ ? ସ୍ୱାଧୀନତା ପାଇବାର ଅନେକ ଦିନ ବିତି ଯାଇଥିଲେ ମଧ୍ୟ ଆମେ କେଉଁଠାରେ ପହଁଚିଛୁ ? ମୌଳିକ ଅଧିକାରର କଥା ସବୁବେଳେ କହୁଛୁ ହେଲେ ଗୁଣ୍ଟୁରରେ ଯେଉଁମାନେ ଜାତୀୟ ପତାକା ଉତୋଳନ କରିବାକୁ ଗଲେ ସେମାନଙ୍କର ମୌଳିକ ଅଧିକାର କୁଆଡେ ଗଲା ? ଏଠି ସେକୁଲାରଜିମ ଆଡରେ ସଂଖ୍ୟାଲଘୁ ତୁଷ୍ଟିକରଣକୁ ଥାପି ଦିଆଯାଉଛି । ଭାରତୀୟ ସଂସ୍କୃତି, ବିଚାରକୁ ଥଟ୍ଟାମଜାରେ ଉଡାଇ ଦିଆଯାଉଛି । ସଂଖ୍ୟାଲଘୁ ସୁରକ୍ଷା ଆଳରେ ସେମାନେ କରୁଥିବା ବଡ ବଡ ଘଟଣାକୁ ମାଫ୍ କରି ଦିଆଯାଉଛି । ସ୍କୁଲ କଲେଜ ଯାଉଥିବା ଛୋଟ ପିଲାଙ୍କ ସହିତ ତୁଳନା କରି ଛାଡି ଦିଆଯାଉଛି । ଯେଉଁଥିପାଇଁକି ସେମାନେ ଦେଶ ବିରୋଧରେ ଯାଇ ଚିକେନ୍‌ନେକକୁ ଅଲଗା କରିବା ପାଇଁ କହୁଛନ୍ତି, ସୀମା ଆରପଟେ ଥିବା ବିରୋଧୀଙ୍କ ସପକ୍ଷରେ କଥା କହୁଛନ୍ତି । ଏହା ରାଷ୍ଟ୍ରବାଦ ନୁହେଁ ଅରାଷ୍ଟ୍ରବାଦ । ଗୁଣ୍ଟୁରରେ ଜାତୀୟ ପତାକା ଉତୋଳନ କରିବାକୁ ଅଟକାଇ ଦିଆଗଲା, ସେଥିପାଇଁ ଦେଶର ପ୍ରତ୍ୟେକ ନାଗରୀକଙ୍କ ମନରେ ଦୁଃଖ ଆସିବା ଦରକାର ।

ସେଦିନର କେଇଜଣ ଯୁବକମାନଙ୍କର ଆନ୍ଦୋଳନ ଯୋଗୁଁ ଆଜି ଜିନ୍ନା ଟାୱାର ରଙ୍ଗ ବଦଳି ଯାଇଛି । ଏହି ଜିନ୍ନା ଟାୱାର ତ୍ରିରଙ୍ଗା ରଙ୍ଗରେ ରଙ୍ଗାୟିତ ହୋଇଛି । ଏଥିସହିତ ଜାତୀୟ ପତାକା ଉତୋଳନ ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି । ଏସବକୁ କାମ ପାଇଁ କିଛି ନେତା ବିଜେପି ଉପରେ ଦୋଷ ଲଦୁଛନ୍ତି । ଗୁଣ୍ଟୁର ମେୟର କବିତା ମନୋହର କହୁଛନ୍ତି ଯେ କିଛିଦିନ ହେଲା ବିଜେପିର କର୍ମୀମାନେ ଏ ଘଟଣାକୁ ନେଇ ଅନାବଶ୍ୟକ ବିବାଦ ସୃଷ୍ଟି କରୁଛନ୍ତି । ଏବେ କିନ୍ତୁ ଦାବି ହେଉଛି ରଙ୍ଗ ବଦଳାଇ ଦେଲେ ଚଳିବ ନାହିଁ, ନାମ ବଦଳାଇବାକୁ ହେବ । ଆନ୍ଧ୍ରପ୍ରଦେଶର ବିଜେପି ପ୍ରଭାରୀ ସୁନୀଲ ଦେଓଧର କହିଛନ୍ତି ଯେ,ଜିନ୍ନା ଟାୱାର ନାମ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଠିକ୍ ଅଛି, ଜିନ୍ନା ଟାୱାରକୁ ତ୍ରିରଙ୍ଗା ରଙ୍ଗରେ ରଙ୍ଗ କରାଯାଇଛି । ଏହାର ନାମ ମଧ୍ୟ ପରିବର୍ତ୍ତନ କରାଯିବା ଉଚିତ । କାରଣ ଜିନ୍ନା ଭାରତୀୟ ଆତ୍ମାକୁ ଦମନ କରିବାର ପ୍ରତୀକ । ଜିନ୍ନା ଆଉ ଆଉରଙ୍ଗଜେବଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେପରି ଆଉରଙ୍ଗଜେବ ରୋଡର ନାମ ବଦଳାଯାଇଛି ଠିକ୍ ସେହିପରି ଜିନ୍ନା ଟାୱାର ନାମ ବଦଳାଯାଇ ଏ ପି ଜେ ଅବଦୁଲ କଲାମ ଟାୱାର ନାମ ହେବା ଉଚିତ ।

# ଜଳନ୍ଧର ଶକ୍ତିପୀଠ, ପଞ୍ଜାବ



ଜଳନ୍ଧର ଶକ୍ତିପୀଠ ବା 'ତ୍ରିପୁରମାଳିନୀ' ମନ୍ଦର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ । ଏହି ଶକ୍ତିପୀଠ ଦେବୀ "ତାଲାବ" ମନ୍ଦିର ପାଇଁ ଜଣାଶୁଣା । ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ






ଜଳନ୍ଧର ଠାରେ ଅବସ୍ଥିତ । ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ । ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ ।

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି । ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି । ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି । ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ "ଜଳନ୍ଧର ଶକ୍ତିପୀଠ" ବା ତାଲାବ ମନ୍ଦିର ଅନ୍ୟତମ । ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ । ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ । ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ । ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ । ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ । ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ । ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ । ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ । ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା । ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ । ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ । ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶଦ୍ଦ ସବୁ ଶୁଣାଇଲେ । ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା । ସବୁଆଡ଼େ ଚାଲିଲା ଧ୍ୱଂସଲୀଳା । ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ । ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର



ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା । ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ । ଏଥିରେ ସହାୟତା କଲେ ଭଗବାନ ଭୈରବ । ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା । ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ ।

"ଜଳନ୍ଧର ଶକ୍ତିପୀଠ"ରେ ମାତା ସତୀଙ୍କର 'ବାମ ସ୍ତନ' ଖଣ୍ଡ ପଡ଼ିଥିଲା ।



ଏଠାରେ ମାତା ଶକ୍ତିଙ୍କୁ 'ତ୍ରିପୁରମାଳିନୀ' ରୂପରେ ପୂଜା କରାଯାଉ ଥିବାବେଳେ ଭଗବାନ ଶିବ 'ଭୈରବ'(ଯିଏ ଭଗବାନ ଶିବଙ୍କର ଅନ୍ୟ ଏକ ରୂପ)ଙ୍କୁ "ଭୀଷଣ" ରୂପରେ ପୂଜା କରା ଯାଇଥାଏଏ ।

ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ । ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ । ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ । ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ । ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ । ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି । ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ ।

**କେମିତି ଯିବେ:-** (୧) ନିକଟସ୍ଥ ରେଳଷ୍ଟେସନ୍‌ଠାରୁ ମାତ୍ର ୨.୫ କିମି ଦୂରରେ "ଜଳନ୍ଧର ଶକ୍ତିପୀଠ"ଅବସ୍ଥିତ । (୨) ନିକଟସ୍ଥ ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ମାତ୍ର ୧୮୩ କିମି ଦୂରରେ "ଜଳନ୍ଧର ଶକ୍ତିପୀଠ" ଅବସ୍ଥିତ ।

ପ୍ରତିଦିନ ସକାଳ ୬ ଟାରୁ ମନ୍ଦିର ଖୋଲାଯାଏ ଓ ରାତି ୯ ଟାରେ ବନ୍ଦ ହୁଏ ।

# ଇଫକୋରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ

ପାରାଦୀପ,(ପି.ଏନ): ଇଫକୋ ପାରାଦ୍ୱୀପ ୟୁନିଟ ରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ମହା ସମାରୋହରେ ସୋମବାର ଦିନ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ଇଫକୋ ପାରାଦ୍ୱୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଓ ଅଗ୍ନି ସୁରକ୍ଷା ବିଭାଗ ମୁଖ୍ୟ ଆର.କେ.ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉଦଯାପନୀ ସମାରୋହ ରେ ପ୍ଲାଣ୍ଟ ଓ ଟାଉନସିପ ରେ ସପ୍ତାହ ବ୍ୟାପି ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକଳାପ ର ପ୍ରତିଫଳନ ହୋଇଥିଲା । ଏଥିରେ ପ୍ଲାଣ୍ଟ ଓ ଟାଉନସିପ ରେ ବିଭିନ୍ନ ପ୍ରେରଣାଦାୟୀ ସଚେତନତା କାର୍ଯ୍ୟକ୍ରମ ସମେତ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ, ସ୍ଲୋଗାନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ନେଇ ଇଫକୋ ପାରାଦ୍ୱୀପ ୟୁନିଟ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଙ୍କ ଠାରୁ ପ୍ରକାଶ ।




## ନାରୀ ନିର୍ଯାତନା କେବେ ବନ୍ଦ ହେବ ମୁଖ୍ୟମନ୍ତ୍ରୀଙ୍କୁ ଜବାବ ମାଗିଲା କଂଗ୍ରେସ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ସ୍କୁଲ ଛାତ୍ରୀ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରାଉ କରିଛି ଜିଲ୍ଲା କଂଗ୍ରେସ । ସମଗ୍ର ଓଡିଶାରେ ମହିଳା ହିଂସା ସୀମା ଟପିଛି । ମହିଳାମାନଙ୍କ ସୁରକ୍ଷା ବିପଦଜନକ ସ୍ଥିତିରେ ରହିଛି । ସ୍ୱଚ୍ଛ ଓ ସୁଶାସନର ନାରା ଦେଇ ଡବଲ ଇଞ୍ଜିନ ଲୋଭ ଦେଖାଇ ବିଜେପି ଶାସନ କ୍ଷମତାକୁ ଆସିଥିଲା । ୩ ଶହଦିନ ନ ପୁରୁଣୁ ଓଡିଶାର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ଥ ହୋଇପଡିଛି । ଏହିପରି ନାରା ଦେଇ ଭାରତୀୟ ଜାତୀୟ କଂଗ୍ରେସ ଦଳର ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ହଜାର ହଜାର କଂଗ୍ରେସ କର୍ମୀ, ମହିଳା, ଛାତ୍ର ଓ ଯୁବ ନେତୃତ୍ୱମାନେ କଜଳାସ୍ଥିତ କଂଗ୍ରେସ ଭବନରୁ ମହାତ୍ମା ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଧୁଧୁ ଖରାରେ ସୋମବାର ପୂର୍ବାହ୍ନ ୧୧ଟାରେ କଜଳାରୁ ଚାଲି ଚାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହ କାର୍ଯ୍ୟାଳୟକୁ ଘେରାଉ କରି ରଖିଥିଲେ ।

# ଧାରଣାରତ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଚ୍‌ଏମ୍‌ଏସ୍

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁର ମହାନଗରରେ ଥିବା ଟିପିଏସଓଡିଏଲ (TPSODL) କର୍ପୋରେଟ୍ ଅଫିସ ସମ୍ମୁଖରେ ସାଉଥ୍‌କୋ ୟୁଟିଲିଟିରେ ବର୍ଷ ବର୍ଷ ଧରି କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ନ୍ୟାଯ୍ୟ ଦାବି ନେଇ ଗତ ୬ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଧାରଣା ଦେଇଛନ୍ତି । ସମ୍ପ୍ରତି ଟାଟା ପାୱାର ଓଡ଼ିଶାର ବିଦ୍ୟୁତ ଯୋଗାଣ ସଂସ୍ଥାକୁ ହାତକୁ ନେବା ପରେ ଉକ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରୁନାହିଁ । ଫଳରେ ପ୍ରାୟ ୩ ହଜାର କର୍ମଚାରୀ ଜୀବିକା ହରାଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଇତିମଧ୍ୟରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନକରିବା ଉଦବେଗର ବିଷୟ । ଗୋଟିଏ ଜନକଲ୍ୟାଣ ସରକାରରେ ଏଭଳି ଘଟଣା ଆଦୌ ଶୁଭଙ୍କର ନୁହେଁ । ଅପରପକ୍ଷରେ ଧାରଣାରତ କର୍ମଚାରୀମାନେ ପୁନଃ ନିଯୁକ୍ତି ଦାବି କରି ଆସୁଥିବା ବେଳେ ମାନ୍ୟବର ସୁପ୍ରିମକୋର୍ଟର ନିର୍ଦ୍ଦେଶକୁ ମଧ କମ୍ପାନୀ କର୍ତ୍ତୃପକ୍ଷ ମାନୁନାହାନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଟାଟା କମ୍ପାନୀ ସାଉଥକୋ ୟୁଟିଲିଟିକୁ ନେବା ପରେ ୟୁନିଟ ପିଛା ୫୦ ପଇସା ବୃଦ୍ଧି କରି ଗ୍ରାହକମାନଙ୍କ ଉପରେ ଆର୍ଥିକ ଭାର ଲଦି ଦେଇଛି । ୨୦୨୧ ସୁଦ୍ଧା ଦକ୍ଷିଣ ଓଡ଼ିଶାରେ ପ୍ରାୟ ୨୫ ଲକ୍ଷ ବିଦ୍ୟୁତ ଉପଭୋକ୍ତା ରହିଥିବା ବେଳେ ସେମାନଙ୍କ ଉପରେ ଆର୍ଥିକ ବୋଝ ବୃଦ୍ଧି କରି କମ୍ପାନୀ ନିଜର ପାଣ୍ଠି ବଢ଼ାଇ ଚାଲିଥିବା ବେଳେ କର୍ମଚାରୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ । ପୂର୍ବରୁ କମ୍ପାନୀ କରିଥିବା ଚୁକ୍ତିନାମାକୁ ସମ୍ପୂର୍ଣ୍ଣ ଖିଲାପ କରିଛି । କମ୍ପାନୀର ମନମାନି ଚାଲିଥିବା ବେଳେ ଧାରଣାରତ କର୍ମଚାରୀଙ୍କ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ)ର ରାଜ୍ୟ ଉପସଭାପତି ରବି ରଥ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଓଇଆରସିର ଅଧକ୍ଷଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି ।

# ଧାରଣାରତ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଚ୍‌ଏମ୍‌ଏସ୍

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁର ମହାନଗରରେ ଥିବା ଟିପିଏସଓଡିଏଲ (TPSODL) କର୍ପୋରେଟ୍ ଅଫିସ ସମ୍ମୁଖରେ ସାଉଥ୍‌କୋ ୟୁଟିଲିଟିରେ ବର୍ଷ ବର୍ଷ ଧରି କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ନ୍ୟାଯ୍ୟ ଦାବି ନେଇ ଗତ ୬ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଧାରଣା ଦେଇଛନ୍ତି । ସମ୍ପ୍ରତି ଟାଟା ପାୱାର ଓଡ଼ିଶାର ବିଦ୍ୟୁତ ଯୋଗାଣ ସଂସ୍ଥାକୁ ହାତକୁ ନେବା ପରେ ଉକ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରୁନାହିଁ । ଫଳରେ ପ୍ରାୟ ୩ ହଜାର କର୍ମଚାରୀ ଜୀବିକା ହରାଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଇତିମଧ୍ୟରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନକରିବା ଉଦବେଗର ବିଷୟ । ଗୋଟିଏ ଜନକଲ୍ୟାଣ ସରକାରରେ ଏଭଳି ଘଟଣା ଆଦୌ ଶୁଭଙ୍କର ନୁହେଁ । ଅପରପକ୍ଷରେ ଧାରଣାରତ କର୍ମଚାରୀମାନେ ପୁନଃ ନିଯୁକ୍ତି ଦାବି କରି ଆସୁଥିବା ବେଳେ ମାନ୍ୟବର ସୁପ୍ରିମକୋର୍ଟର ନିର୍ଦ୍ଦେଶକୁ ମଧ କମ୍ପାନୀ କର୍ତ୍ତୃପକ୍ଷ ମାନୁନାହାନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଟାଟା କମ୍ପାନୀ ସାଉଥକୋ ୟୁଟିଲିଟିକୁ ନେବା ପରେ ୟୁନିଟ ପିଛା ୫୦ ପଇସା ବୃଦ୍ଧି କରି ଗ୍ରାହକମାନଙ୍କ ଉପରେ ଆର୍ଥିକ ଭାର ଲଦି ଦେଇଛି । ୨୦୨୧ ସୁଦ୍ଧା ଦକ୍ଷିଣ ଓଡ଼ିଶାରେ ପ୍ରାୟ ୨୫ ଲକ୍ଷ ବିଦ୍ୟୁତ ଉପଭୋକ୍ତା ରହିଥିବା ବେଳେ ସେମାନଙ୍କ ଉପରେ ଆର୍ଥିକ ବୋଝ ବୃଦ୍ଧି କରି କମ୍ପାନୀ ନିଜର ପାଣ୍ଠି ବଢ଼ାଇ ଚାଲିଥିବା ବେଳେ କର୍ମଚାରୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ । ପୂର୍ବରୁ କମ୍ପାନୀ କରିଥିବା ଚୁକ୍ତିନାମାକୁ ସମ୍ପୂର୍ଣ୍ଣ ଖିଲାପ କରିଛି । କମ୍ପାନୀର ମନମାନି ଚାଲିଥିବା ବେଳେ ଧାରଣାରତ କର୍ମଚାରୀଙ୍କ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ)ର ରାଜ୍ୟ ଉପସଭାପତି ରବି ରଥ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଓଇଆରସିର ଅଧକ୍ଷଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି ।




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡ଼ିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ ! ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତର କରିବାରେ ସଫଳ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା । ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ ! ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି ! ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଟପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମଶାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




## ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ

ଖୋର୍ଦ୍ଧା (ପିଏନ୍): ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସହୀଦ, ମହାନ ବିପ୍ଳବୀ, ଓଡିଆ ଜାତିର ଅସ୍ମିତା, ବୀରତ୍ୱର ପ୍ରବାଦପୁରୁଷ ଭାବେ ପରିଚିତ ଜୟୀ ରାଜଗୁରୁଙ୍କ ତମ ଜୟନ୍ତୀ ଉତ୍ସବ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଗଡଖୋର୍ଦ୍ଧା ଛକ ସ୍ଥିତ ପଂଚପାଇକ ପୀଠ ପରିଷ୍କାର ସହ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ପାଇକ ବିଦ୍ରୋହ ସଂଗ୍ରାମରେ ଜୟୀ ରାଜଗୁରୁ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗ ଦେଇ କହିଲେ ଯେ, ଜୟୀ ରାଜଗୁରୁଙ୍କ ବୀରତ୍ୱ, ଗାରିମା, ଦେଶପ୍ରେମ ଅତୁଳନୀୟ। ତିଥି ଅନୁସାରେ ପବିତ୍ର ଅଳାଁ ନବମୀରେ ଏହି ମହାନ ସ୍ୱାଧିନତା ସଂଗ୍ରାମୀ ଜନ୍ମଗ୍ରହଣ କରିଥିଲେ। ଜୟୀ ରାଜଗୁରୁଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜଦରବାରରେ ରାଜଗୁରୁ ସହ ସେନାବାହିନୀର ମଧ୍ୟ ମୁଖ୍ୟ ଥିଲେ। ପୁରୀ ଜିଲାର ବୀରହରେକୃଷ୍ଣପୁର ଗ୍ରାମରେ ଚାନ୍ଦ ରାଜଗୁରୁ ଓ ମାତା ହାରାମଣି ଦେବୀଙ୍କ ଔରସରୁ ଜାତ ଜୟୀ ପିଲାବେଳୁ ସ୍ୱାଧିନଚେତା ଏବଂ ନିର୍ଭୀକ ଥିଲେ। ମୁକୁନ୍ଦଦେବ ଦ୍ୱିତୀୟ ନାବାଳକ ରାଜା ଥିବାରୁ ସମସ୍ତ ରାଜକାର୍ଯ୍ୟରେ ଗଜପତିଙ୍କୁ ସହଯୋଗ କରୁଥିଲେ। ବ୍ରିଟିଶମାନେ ଓଡ଼ିଶାରୁ ମରହଟାମାନଙ୍କୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡିଥିଲେ। ପ୍ରତିଦାନସ୍ୱରୂପ ମରହଟାମାନେ ଗଜପତିଙ୍କଠାରୁ ଛଡାଇ ନେଇଥିବା ଚାରି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ଫେରାଇବେ। ତେବେ ଯୁଦ୍ଧରେ ବିଜୟ ଲାଭ ପରେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷାକଲେ ନାହିଁ। ଫଳରେ ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧରେ ପରାସ୍ତ ହୋଇ ନାବାଳାକ ରାଜାଙ୍କୁ ବଂଚାଇବାକୁ ଯାଇ ସମସ୍ତ ଦୋଷ ନିଜ ଉପରକୁ ନେଇଥିଲେ। ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ମେଦିନାପୁର ନିକଟବର୍ତୀ ବାଘୀତୋଟାର ବରଗଛର ଦୁଇଟି ଡାଳକୁ ଭିଡିଆଣି ବିପ୍ଳବୀ ଜୟୀଙ୍କ ଦୁଇଗୋଡ ବାନ୍ଧି ଡାଳ ଦୁଇଟିକୁ ଛାଡି ଦିଆଗଲା। ତାଙ୍କ ଶରୀର ଦୁଇ ଫାଳ ହୋଇଗଲା। ଅତି ନିର୍ମମ ଭାବେ ତାଙ୍କୁ ହତ୍ୟା କରାଯାଇଥିଲା। ଓଡ଼ିଆ ଜାତି ତାଙ୍କ ନିକଟରେ ସର୍ବଦା ନମସ୍ୟ। ତାଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଖୋର୍ଦ୍ଧା ଜିଲା ସିଟିଜେନ ଫୋରମ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଜୟୀ ପାଇକ ବିଦ୍ରୋହର ବୀଜ ବୁଣିଥିଲେ। ପରବର୍ତୀ ସମୟରେ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଏହାର ଅନେକ ପ୍ରସଙ୍ଗ ଆଜି ବି ସମାଜର ଆଢୁଆଳରେ ରହିଯାଇଛି। ଏହା ଗବେଷଣାସାପେକ୍ଷ ବୋଲି ସେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ, ଇତିହାସକୁ ଭୁଲିଗଲେ ଐତିହ୍ୟ ନଷ୍ଟ ହୋଇଯିବ। ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଯୁଦ୍ଧ, ୧୮୧୭ରେ ଗଣଯୁଦ୍ଧରେ ପରିଣତ ହୋଇଥିଲା। ପାଇକ ସଂଗ୍ରାମର ମୂଳଦୁଆ ଜୟୀ ରାଜଗୁରୁଙ୍କ ଦ୍ୱାରା ପଡିଥିଲା। ଅଥଚ ଭାରତ ଅଥବା ଓଡ଼ିଶା ସରକାର ତାଙ୍କୁ ବର୍ତମାନ ପର୍ଯ୍ୟନ୍ତ ଭାରତର ପ୍ରଥମ ସହୀଦର ଆଖ୍ୟା ପ୍ରଦାନ କରିନାହାନ୍ତି। ସେ ଜଣେ ସ୍ୱାଧିନତା ସଂଗ୍ରାମୀ ବୋଲି ଗ୍ରହଣ କରିନାହାନ୍ତି। ଜୟୀ ରାଜଗୁରୁଙ୍କୁ ଯେପରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ପୃଥିବୀ ଇତିହାସରେ ଏପରି ଘଟିନାହିଁ। ତାଙ୍କ ସଂଗ୍ରାମମୟ ଜୀବନୀ ଲୋକଲୋଚନକୁ ଆସିବା ଦରକାର। ଆଜି ମଧ୍ୟ ତାଙ୍କ ଫାଶୀସ୍ଥାନକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଦ୍ୱିମତ ରହିଛି। ଇତିହାସରେ ଜୟୀଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଯୁବ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡଙ୍ଗା, ପ୍ରବୀଣ ଭଞ୍ଜ, ଦିଲୀପ ପଟ୍ଟନାୟକଙ୍କ ସମେତ ବିଜେବି ହାଇସ୍କୁଲର ଛାତ୍ର ପ୍ରତ୍ୟୁଷ ମହାପାତ୍ର, ତନ୍ମୟ ମାର୍ଥା, ପ୍ରିୟରଞ୍ଜନ ବିଶ୍ୱାଳ, ଓମ ପ୍ରକାଶ ସୁବୁଦ୍ଧି, ବିଷ୍ଣୁ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଗତିଶୀଳ ସାଂସ୍କୃତିକ ପତ୍ରିକା 'ସମଧ୍ୱନି'ର ୨୦ତମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର ,(ପି.ଏନ):ଏକ ସାଂସ୍କୃତିକ ଆଲୋଚ଼ନା ଓ ପରିବେଶ ଭିତରେ ଓଡ଼ିଶାର ପ୍ରଗତିଶୀଳ ସାଂସ୍କୃତିକ ପତ୍ରିକା ସମଧ୍ୱନିର ୨୦ତମ ବାର୍ଷିକ ଉତ୍ସବ ଭୂବନେଶ୍ୱର ସ୍ଥିତ ଲୋହିଆ ଏକାଡେମୀଠାରେ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଅବହେଳିତ ଲୋକ ସଂଗୀତ, କଳା ଓ ଲୋକକଳାକାର ଓ ଓଡିଶାର ଯୁବ ଛାତ୍ରଛାତ୍ରୀ, ପାଠ ଛାଡି ଗାଁରେ ରହୁଥିବା ପିଲାମାନଙ୍କୁ ନେଇ ଗାଁ'ର ସଂସ୍କୃତି ଓ ଇତିହାସର ସଂରକ୍ଷଣ ଓ ପୁନଃଜାଗରଣ ଉପରେ ଗୁରୁତ୍ୱପୂର୍ଣ୍ଣ ଚ଼ର୍ଚ୍ଚା ହୋଇଥିଲା। ସମଧ୍ୱନି ସାଂସ୍କୃତିକ ସଂଗଠନର ଅଧ୍ୟକ୍ଷ ତଥା ସମଧ୍ୱନି ପତ୍ରିକାର ସମ୍ପାଦକ ସ୍ୱୟଂପ୍ରଭା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମଧ୍ୱନି ଦ୍ୱାରା ସମ୍ପ୍ରଦାୟିକ ସଂପ୍ରୀତି ପୁସ୍ତକ ଓ ସମଧ୍ୱନି ଜାନୁୟାରୀରୁ ମାର୍ଚ୍ଚ ସଂଖ୍ୟାର ଉନ୍‌ମୋଚ଼ନ କରଯାଇଥିଲା ।ସମଧ୍ୱନି ସହିତ ଯୋଡି ହୋଇଥିବା ବିଶିଷ୍ଟ ସାମ୍ବାଦିକ ରାଜୀବ ସଗରିଆ ଓଡିଶାରେ ସାମ୍ପ୍ରଦାୟିକ ସଂପ୍ରୀତି ସମ୍ପର୍କରେ ଚ଼ର୍ଚ୍ଚା କରିଥିବା ବେଳେ ଡ. ଅଜିତ କୁମାର ମୁନୀ ଲୋକକଳା ଓ ସଂସ୍କୃତିର ସଂରକ୍ଷଣ ବିଷୟରେ ଚ଼ର୍ଚ୍ଚା କରିଥିଲେ। ସାମାଜିକ କର୍ମୀ ପ୍ରଣୟ ମଞ୍ଜରୀ, ଓ୍ୱେବମାଷ୍ଟର ରାକେଶ ରଞ୍ଜନ ସମନ୍ତରାୟ, ଏବଂ ବିଶିଷ୍ଟ ବେହେଲା ବାଦକ ଜ୍ୟୋତିପ୍ରକାଶ ସାହୁ ଓଡିଶାର କଳା ଓ ସଂସ୍କୃତିର ସଂରକ୍ଷଣ ପାଇଁ କେଉଁଭଳି କାମ କରିବା ଜରୁରୀ ଏବଂ ସମଧ୍ୱନିର ଭୂମିକା କ'ଣହେବ ସେହି ଉପରେ ନିଜ ନିଜର ମତ ପ୍ରକାଶ କରିଥିଲେ। ସ୍ୱୟଂପ୍ରଭା ପାଢ଼ୀ ଓଡିଶାର ଯୁବ ଛାତ୍ରଛାତ୍ରୀମାନଙ୍କୁ ନେଇ କେମିତି ଗାଁ'ର ସଂସ୍କୃତି ଓ ଇତିହାସର ସଂରକ୍ଷଣ କରାଯିବ ଓ ଏ ଦିଗରେ ସମଧ୍ୱନି କେଉଁ ଭୂମିକା ନେବ ସେ ଦିଗରେ ନିଜର ଦୃଷ୍ଟିକୋଣ ସ୍ପଷ୍ଟ କରିଥିଲେ। ସମଧ୍ୱନିକୁ ଦିଗଦର୍ଶନ ଦେଉଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଭିତରେ - ପ୍ରଫେସର ବୀରେନ୍ଦ୍ର ନାୟକ, ପ୍ରଫେସର ସ୍ୱାଧୀନାନନ୍ଦ ପଟ୍ଟନାୟକ, ବିଶିଷ୍ଟ ସାମ୍ବାଦିକ ଭାସ୍କର ପରିଛା, ବିଶିଷ୍ଟ ସାମ୍ବାଦିକ ସୁଧୀର ପଟ୍ଟନାୟକ, ଗୁରୁ ଡ. ଅଧାପକ ଅଜୟ କୁମାର ବିଶ୍ୱାଳ, ଗୁରୁ ଅଧାପକ କରୁଣାକର ନାୟକ, ଏହି ପ୍ରୟାସକୁ ଆଗେଇନେବା ପାଇଁ କେଉଁସବୁ ପଦକ୍ଷେପ ନେବାକୁ ହେବ ପରାମର୍ଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମଧ୍ୱନିର ସଂଗୀତ ଆସରରେ ଅନେକ ପ୍ରସିଦ୍ଧ କଳାକାର ଏବଂ ନୂତନ ଗାୟକମାନ ଯୋଗଦେଇଥିଲେ। ନାଲକୋ ନଗର ବସ୍ତିରୁ ସମଧ୍ୱନିର ସଦସ୍ୟ ସେବତୀ ସୋରେନ ପ୍ରଥମେ ସଙ୍ଗୀତ ପରିବେଷଣ କରିଥିଲେ। ଏହା ବ୍ୟତୀତ ଓଡିଶୀ ସଙ୍ଗୀତ ଗାୟକ ରାଜେଶ କୁମାର ଲେଙ୍କା, ବିଶିଷ୍ଟ ବେହେଲା ବାଦକ ଜ୍ୟୋତିପ୍ରକାଶ ସାହୁ, ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ବାବାଜୀ ଜେନା, ସୁବୀର ଜେନା ଏବଂ ସ୍ୱୟଂପ୍ରଭା ପାଢ଼ୀ ନିଜର ସ୍ୱରରେ ଦର୍ଶକମାନଙ୍କୁ କିଛି ନୂତନ ସଙ୍ଗୀତ ପରିବେଷଣ କରି ମନ୍ତ୍ରମୁଗ୍ଧ କରିଥିଲେ।ଓଡିଶାର ଭବିଷ୍ୟତକୁ ନେଇ ସମଧ୍ୱନିର ଦୂରଦୃଷ୍ଟି ଏବଂ ଓଡିଶାର ଯୁବ ସମାଜ ତଥା ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ନୂଆ ପରିକଳ୍ପନା ନିଶ୍ଚିତ ଭାବରେ ଏକ ନୂତନ ଦିଗକୁ ଦୃଷ୍ଟି ନିକ୍ଷେପ କରୁଛି।

## ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟା


ଯୋଜନା ଅର୍ଥାତ୍ ସରକାରୀ ଯୋଜନା। ଆଜି ଦିନରେ ସରକାରଙ୍କ ଯେତେ ଯୋଜନା ଆସୁଛି, ତନ୍ମଧ୍ୟରେ ଅଧିକାଂଶ ଭୋଟକୈନ୍ଦ୍ରିକ। କେତେଗୁଡିଏ ଯୋଜନା କେବଳ ଲୋକମାନଙ୍କୁ ନିଜ ନେତାମାନଙ୍କ ଆଡକୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ନୂଆଖାଇରେ କାଳିଆ ଟଙ୍କା ଆବଂଟନକୁ ଏକ ଦୃଷ୍ଟାନ୍ତ ଭାବରେ ମଧ୍ୟ ନିଆଯାଇପାରେ। କରଦାତାଙ୍କର କୋଟିକୋଟି ଟଙ୍କା ବଂଟାଗଲା ସତ ହେଲେ ତାର ସୁଫଳ ସେହି ଅନୁସାରେ ମିଳିବା ଅସମ୍ଭବ ପରି ଦିଶୁଛି। ଯାହା ପ୍ରଚାର ପ୍ରସାର ହେଉଛି ତାହା ବାସ୍ତବିକତାଠାରୁ ଢେର ଦୂରରେ। ହଁ! ସରକାରଙ୍କୁ ନାଁ ମିଳିଲା, ଭୋଟ ମଧ୍ୟ ମିଳିବ। ହେଲେ ଦେଶଦଶର ଉନ୍ନତିରେ ଏପରି ମାଗଣା ବଂଟନ ପ୍ରକ୍ରିୟା ବିଶେଷ ଭାବରେ ବାଧକ ସୃଷ୍ଟି କରିବା ସ୍ୱାଭାବିକ। ଏମିତି ଏକ ଯୋଜନା ଟଙ୍କିକିଆ ଚାଉଳ। ଟଙ୍କିକିଆ ଚାଉଳ ବଂଟନ ବାବଦକୁ ସରକାର ଯାହା ଖର୍ଚ୍ଚ କରୁଛନ୍ତି ତାହା ଶୁଣିଲେ ସାଧାରଣ ଲୋକଙ୍କ ହୋସ୍ ଉଡିଯିବ। ପ୍ରାୟ ଅଠାବନ ଲକ୍ଷ ପରିବାର ପାଇଁ ଦୁଇଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତିବର୍ଷ ଖର୍ଚ୍ଚ ହେଉଛି। ଏହା ଏକ ଏମିତି ଯୋଜନା, ଯାହାକୁ କେହି ସର୍ବସମକ୍ଷରେ ପ୍ରଶଂସା କରିବାର ଦେଖାଯାଉନି ସତ; କିନ୍ତୁ ନେତାଙ୍କଠାରୁ ଜନତା ସମସ୍ତେ ଏହାର ପକ୍ଷଧର। ଏହାକୁ ବନ୍ଦ କରିବା କାଠିକର ପାଠ। ଯେଉଁ ଦଳ ବି ସରକାରରେ ରହୁ, ଏପରି ଯୋଜନାକୁ ବନ୍ଦ କଲା ମାତ୍ରକେ ଜନତା ଆକ୍ରୋଶର ଶିକାର ହୋଇ ସରକାର ଯିବାଟା ଥୟ।

ଅନ୍ୟମାନଙ୍କ କଥା ଛାଡନ୍ତୁ, ଯେଉଁମାନଙ୍କୁ ଏହି ଚାଉଳ ମିଳୁଛି, ସେମାନଙ୍କ ମଧ୍ୟରୁ ନବେ ପ୍ରତିଶତ କୃଷକ। ଜମି ଅଛି, କିନ୍ତୁ ଚାଷ କରୁନାହାନ୍ତି। କାରଣ ସେ ଯଦି ଧାନଚାଷ କରି ଚାଉଳ ପେଷେଇବେ ଚାଉଳ କିଲୋ ଅତି କମ୍‌ରେ କୋଡିଏ ଟଙ୍କା ଉପରେ ସେମାନଙ୍କୁ ଦେୟ ପଡିବ। ତା'ପରେ ସମସ୍ତେ ତ' ଟଙ୍କିକିଆ ଚାଉଳ ଖାଇ ଗାଁମୁଣ୍ଡ ବରଗଛ ଛାଇ ପଡିଥିବା ଚାନ୍ଦିନିରେ ଦିନରାତି ତାସ ଖେଳରେ ସମୟ କାଟିଲେ, ମୂଲ କିଏ ଲାଗିବ? ଆଜିକାଲି ମୂଲିଆ ମଜଦୂର୍ ବି ଗାଁଗହଳିରେ ଆଉ ବିଲବାଡି କାମ ପାଇଁ ମିଳୁନାହାନ୍ତି। ସବୁ କାମ କ'ଣ ଯନ୍ତ୍ରଦ୍ୱାରା ସମ୍ଭବ! ପୁରୁଷ ଲୋକ ଅଳସୁଆ କର୍ମକୋଢ଼ ହେଲାବେଳକୁ ସ୍ତ୍ରୀ ଲୋକମାନେ ଆଉ ପାଣି କୂଅରୁ କାଢିବାକୁ ସୁଯୋଗ ପାଉନାହାନ୍ତି। ସବୁ ଗାଁରେ ନଳକୂପ ଓ ସପ୍ଲାଏ ପାଣି ଯୋଜନା ପହଁଚିବ। ଧାନ ଶୁଖା, ଧାନ ବସା, ଉଷୁନା ଧାନ ପାଇଁ ଖରାରେ କେତେ ପରିଶ୍ରମ ହେଉଥିଲା, ଆଉ ସେଗୁଡା କିଛି ନାହିଁ। ଅମଳ ପରେ ସିଧା ବସ୍ତାଭରି ମଣ୍ଡିକି ଚାଲିଲେ। ନାରଣା କହୁଛି ବିଲଧାନର ଚାଉଳ ଅପେକ୍ଷା ଟଙ୍କିକିଆ ଚାଉଳ ସୁଆଦିଆ, ତା' ଛୁଆମାନେ ନିଜ ଜମି ଚାଉଳ ଖାଇବାକୁ ମଙ୍ଗୁନାହାନ୍ତି। ଗହିରମଥା ଉପରୁ ଆଉ ଆମର କ୍ଷେତଖଳିହାନ ଆଗପରି ସବୁଜିମାଭରା ଦିଶୁନି କି ଚାଷୀପୁଅର ବଳିଷ୍ଠ ବପୁବାଲା ଚେହେରା ଆଉ ନାହିଁ। ସେ କାଳ ଲଙ୍ଗଳ ଯୁଆଳୀ ଶଗଡଦଣ୍ଡା ଖଳା ପରମ୍ପରା ଆଉ ଅଳ୍ପ ଦିନରେ ଇତିହାସ ପାଲଟିବାକୁ ବସିଲାଣି। ଏଣୁ ସରକାରଙ୍କ ନିକଟରେ ଏକ ବିନମ୍ର ପ୍ରାର୍ଥନା ଯେ ସବୁ ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟାଗୁଡିକୁ ପୁନର୍ବାର ତର୍ଜମା କରାଯାଉ। ଯେଉଁସବୁ ଯୋଜନା ମଣିଷକୁ କର୍ମକୋଢ଼ ଅଳସୁଆ କରୁଛି ଏବଂ ସମାଜକୁ ଏକ ବିଧ୍ୱଂସକ ପରିଣତି ଆଡକୁ ଟାଣିନେଉଛି, ସେଗୁଡିକୁ ସସାହସର ସହ ବନ୍ଦ କରାଯାଇ ଦେଶଦଶର ଉନ୍ନତି ବିଷୟରେ ଚିନ୍ତା କରାଯାଉ!

## ଅନୁମତି ନମିଳିବାରୁ ସୂଚନା ଅଧିକାର କର୍ମୀଙ୍କ ତହସିଲ ସମ୍ମୁଖରେ ଧାରଣା ବାତିଲ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ତହସିଲ ସମ୍ମୁଖରେ ଧାରଣା ଦେବା ପାଇଁ କରିଥିବା ଆବେଦନକୁ ପ୍ରଶାସନ ତରଫରୁ ଅନୁମତି ନମିଳିବା ଯୋଗୁଁ ଧାରଣା ବାତିଲ କରାଯାଇଛି । ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରିଆ ବହୁ ଘଟଣା ଉପରେ ଆରଟିଆଇ ମାଧ୍ୟମରେ ବିଭିନ୍ନ କାର୍ଯ୍ୟାଳୟରୁ ତଥ୍ୟ ମାଗିଥା'ନ୍ତି । ତେବେ ଗତ ୩ ମାସ ହେଲା ସେ ଏକ ଘଟଣା ଉପରେ ଧର୍ମଶାଳା ତହସିଲରୁ ଏକ ସୂଚନା ମାଗିଥିବା ବେଳେ ତହସିଲ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନଥିଲା । ତେବେ ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନିରାଶ ହେବା ପରେ ଯଦି ତାଙ୍କୁ କିଛି ତଥ୍ୟ ନମିଳେ ତେବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୪ ତାରିଖରୁ ଧାରଣା ଦେବେ ବୋଲି ତହସିଲଦାରଙ୍କୁ ୧୫ ଦିନ ପୂର୍ବରୁ ଲିଖିତ ଭାବେ ଅବଗତ କରିଥିଲେ । ଏହି ଧାରଣା ଦେବା ପାଇଁ ସରକାରଙ୍କ ସମସ୍ତ ନୀତିନିୟମକୁ ମାନି ସେ ପ୍ରଶାସନ ନିକଟରେ ଆବେଦନ କରିଥିଲେ । ହେଲେ ଶେଷ ମୁହୂର୍ତରେ ପ୍ରଶାସନ ତାଙ୍କୁ ଅନୁମତି ପ୍ରଦାନ କରିନାହିଁ । ଯାହାଫଳରେ ଶ୍ରୀ ବେହୁରିଆ ମ୍ରିୟମାଣ ହୋଇପଡିଛନ୍ତି । ସରକାରଙ୍କ ସମସ୍ତ ନିୟମ ମାନି ଗଣତନ୍ତ୍ରିକ ପଦ୍ଧତିରେ ଧାରଣା ଦେବା ପାଇଁ ସେ ସମସ୍ତ ପ୍ରକାର ବ୍ୟବସ୍ଥା ସାରିଦେଇଥିବା ବେଳେ ଧର୍ମଶାଳା ପୁଲିସ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାର ଆଳ ଦେଖାଇ ଅନୁମତି ପ୍ରଦାନ ନକରିବକୁ ଯାଜପୁର ଉପଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ଯାହାଫଳରେ ଶେଷ ମୁହୂର୍ତରେ ଉପଜିଲ୍ଲାପାଳ ଅନୁମତି ପ୍ରଦାନ କରିନଥିଲେ । ଫଳରେ ଶ୍ରୀ ବେହୁରିଆ ନିଜର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ହୋଇଛନ୍ତି । ତେବେ ଏଥିପାଇଁ ଧର୍ମଶାଳା ଥାନା ଅଧିକାରୀଙ୍କୁ ଦାୟୀ କରିବା ସହ ଏନେଇ ତାଙ୍କ ସମର୍ଥକଙ୍କ ସହ ସେ ଯାଜପୁର ଏସପିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ବାତୋ ପଂଚାୟତ ଅନ୍ତର୍ଗତ ତମ୍ପୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବ୍ରଜେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଙ୍କଜ ଜେନା ଓ ଗୋଲଖ ବିହାରୀ ବରାଳଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ବରାଳଙ୍କ ସଂଯୋଜନାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଘଷିପୁରା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ଖୁ ିଆ, ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ନରହରି ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ବାତୋ ସରପଂଚ ଝରଣା ଜେନା, ସମିତିସଭ୍ୟ ତରଣୀସେନ ବରାଳ, ନିଖିଳ ଉତ୍କଳ ଶିକ୍ଷକ ସଂଘ ସଭାପତି ଗୋବର୍ଦ୍ଧନ ଜେନା, କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ଦୁଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ମହନୀୟତା ଓ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସେମାନଙ୍କ ଅବସର ସମୟ ସୁସ୍ଥ ଓ ନିରାମୟ ହେବାକୁ କାମନା କରିଥିଲେ । ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ତମ୍ପୋ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

ବାଲେଶ୍ୱର (ପିଏନ୍)- ଖନ୍ତାପଡା ଥାନା ଅନ୍ତର୍ଗତ ଖନ୍ତାପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ଯୁବକଙ୍କୁ ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗ୍ରାମର କରୁଣାକର ପଣ୍ଡାଙ୍କ ପୁଅ ଅଭୟ କୁମାର ପଣ୍ଡାଙ୍କ ସହ ଗ୍ରାମର କିଛି ଲୋକଙ୍କର ବିବାଦ ଲାଗିରହିଥିଲା। ଗ୍ରାମର ମଧ୍ୟସ୍ଥି ଦ୍ୱାରା ଦୁଇଦିନ ପୂର୍ବେ ଏହାର ଆପୋଷ ସମାଧାନ କରାଯାଇଥିଲା। ଗତକାଲି ହଠାତ୍ ଅଭୟଙ୍କ ମୃତଦେହ ୧୬ ନଂ ଜାତୀୟ ରାଜପଥ ଦାଣ୍ଡକାଳୀ ନିକଟ ଏକ ଗ୍ରାମ ସଂଯୋଗ ରାସ୍ତାକଡ଼ରେ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକଙ୍କ ସହ କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହ ିଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାର ସଦସ୍ୟମାନେ ରାଜରାସ୍ତାରେ ବସିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହ ି ବୁଝାସୁଝା କରିବା ପରେ ରାସ୍ତାରୋକ୍ ହଟିଥିଲା। ପରେ ଖନ୍ତାପଡ଼ା ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତକଙ୍କ ଶବକୁ ଉଦ୍ଧାର କରାଯିବା ସହ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବଡ଼କାଏମା ପ ାୟତ ରାଧାନଗର ଗ୍ରାମର ବ୍ୟବସାୟୀ ପଦ୍ମନାଭ ସାହୁ (୭୩)ଙ୍କର ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ ନିରଂଜନ, ମନୋରଂଜନ, ଚିତରଂଜନ, ଝିଅ ରୁନୁବାଳା, ଜ୍ୱାଇଁ କୈଳାସ, ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସେ ଦୀର୍ଘ ୪୫ ବର୍ଷ ହେଲା ଜାରକା ବଜାରରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିଲେ । ତାଙ୍କ ବିୟୋଗ ଖବର ପାଇ ବ୍ୟବସାୟୀ ଶ୍ରୀନାଥ ଜେନା, ଶୁଭେନ୍ଦୁ ସାହୁ, ବିନୋଦ ଜେନା, ଦିଲୀପ କୁମାର ଜେନା, ଜ୍ଞାନୀ ରାଉତ, ରମେଶ ସାହୁ, ଅଶୋକ ସାହୁ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ବିଜେପି ନେତା ସର୍ବେଶ୍ୱର ବେହୁରା, ସାମ୍ବାଦିକ ମାନସରଂଜନ ଜେନା, ଅକ୍ଷୟ କୁମାର ରାଉତ, ସୁଶାନ୍ତ କୁମାର ବେହେରା, କଂଗ୍ରେସ ନେତା ମିହିର ଖୁ ିଆ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ବଡ଼ ପୁଅ ନିରଂଜନ ମୁଖାଗ୍ନି ଦେଇଥିଲେ ।

## ବାତୋ ପ ାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଘଷିପୁରା (ପିଏନ୍):ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପ ାୟତରେ ସମିତିସଭ୍ୟ ତରଣୀସେନ ବରାଳଙ୍କ ନେତୃତ୍ୱରେ ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ଉଲ୍ଲୋଳ ଗ୍ରାମରୁ ବାହାରି ଅତା, ମଧୁକେଶରୀ, ଲୁଣିଆପାଟଣା, ଅନ୍ତିରା, ତମ୍ପୋ, ବାତୋ, କରଡାପାଳ, ପରମାନନ୍ଦପୁର ପ୍ରଭୃତି ଗ୍ରାମ ପରିକ୍ରମା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବାତୋ ପଂଚାୟତର ସରପଂଚ ଝରଣା ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱରଂଜନ ବେହେରା ଏବଂ ବାତୋ ପଂଚାୟତର ବରିଷ୍ଠ ନେତା ସୁରେନ୍ଦ୍ର ପାଗଳ ପ୍ରମୁଖଙ୍କ ସହିତ ବହୁ ଦଳୀୟ ନେତା ପଦଯାତ୍ରାରେ ସାମିଲ ହୋଇଥିଲେ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହ ାଇବା ସହିତ ପଂଚାୟତବାସୀ ତଥା ଗ୍ରାମର ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ସମୂହ ଶପଥ ପାଠ କରାଯାଇଥିଲା ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବଢୁଛି ଗୁଟ୍ଖା, ତମାଖୁ ଟିକସ ଆୟ, ୨୦୨୪-୨୫ରେ ୧ ହଜାର ୪୭ କୋଟି ଟଙ୍କା ଆଦାୟ



ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଉଠିଲା ପାନ, ଗୁଟଖା ପ୍ରସଙ୍ଗ । ବିଧାୟକ ଟଙ୍କଧର ତ୍ରିପାଠୀଙ୍କର ପ୍ରଶ୍ନର ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଗତ ଦଶ ବର୍ଷ ମଧ୍ୟରେ ତମାଖୁ ଉତ୍ପାଦ ଏବଂ ପାନ ମସଲା ବିକ୍ରୟରୁ ଓଡ଼ିଶା ସରକାର ୬,୫୯୫.୫୫ କୋଟି ଟଙ୍କା ଟିକସ ଆଦାୟ କରିଛି ।କ୍ରମାଗତ ଭାବେ ବଢୁଛି ଗୁଟ୍ଖା, ତମାଖୁ ଟିକସ ଆୟ । କେବଳ ୨୦୨୪-୨୫ରେ ୧ ହଜାର ୪୭ କୋଟି ଟଙ୍କା ଆଦାୟ ହୋଇଛି । ୧୬ଟି ରାଜ୍ୟରୁ ପାନ ମସଲା, ଗୁଟ୍ଖା, ତମାଖୁ ଓଡ଼ିଶାକୁ ଆସୁଛି । ରାଜ୍ୟରେ ଗୁଟ୍ଖା ଓ ପାନମସଲା ଉପରେ କଟକଣା ଲାଗିଛି । ଏହା ସତ୍ତ୍ୱେ ଗୁଟ୍ଖା ଓ ପାନମସଲା ବିକ୍ରି ତ ବନ୍ଦ ହେଉନାହିଁ । ଏହା ଦ୍ୱାରା ବର୍ଷକୁ ବର୍ଷ ରାଜସ୍ୱ ବୃଦ୍ଧି ପାଉଥିବା ତଥ୍ୟ ସାମ୍ନାକୁ ଆସୁଛି । ଯାହାକି ଏକ ପ୍ରକାର ଚିନ୍ତାର କାରଣ ସାଜିଛି । ୧୬ଟି ରାଜ୍ୟରୁ ପାନ ମସଲା ଏବଂ ତମାଖୁ ଉତ୍ପାଦ ଓଡ଼ିଶାରେ ଆମଦାନୀ ହେଉଛି ।

# ୯୧ ଲକ୍ଷ ଟଙ୍କାରେ ବିକ୍ରି ହେଉଛି ଏହି ଦେଶର ନାଗରିକତା: କାରଣ କ'ଣ, ମିଳିବ କି ଫାଇଦା



ଭୁବନେଶ୍ୱର,(ପି.ଏନ): ଜଣେ ବ୍ୟକ୍ତିଙ୍କୁ ବିଦେଶ ରାଷ୍ଟ୍ରରେ ନାଗରିକତା ହାସଲ କରିବା ପାଇଁ ଅନେକ କିଛି କରିବାକୁ ପଡ। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହ ବିଭିନ୍ନ ନିୟମକୁ ମଧ୍ୟ ପୂରଣ କରିବାକୁ ପଡିଥାଏ। ଉଦାହରଣ ଭାବେ ଆପଣ ଆମେରିକାକୁ ନେଇ ପାରିବେ। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ନାଗରିକତାକୁ ନେଇ ବିଭିନ୍ନ ପ୍ରକାରର ନିୟମ ଲାଗୁ କରୁଛନ୍ତି ।ବେଆଇନ ଭାବେ ଆମେରିକାରେ ରହୁଥିବା ବାହାର ଦେଶର ଲୋକଙ୍କ ହାତଗୋଡ ବାନ୍ଧି ସେମାନଙ୍କ ରାଷ୍ଟ୍ରକୁ ପଠାଇ ଦେଉଛନ୍ତି। ଯଦି ଆପଣଙ୍କ ପାଖରେ ପ୍ରଚୁର ଟଙ୍କା ରହିଛି, ତା'ହେଲେ ଆପଣଙ୍କ ଆମେରିକା ସ୍ୱପ୍ନ ପୂରଣ ହୋଇପାରିବ। ଆମେରିକା ସ୍ୱପ୍ନ ପୂରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ରାଷ୍ଟ୍ରପତି ଟ୍ରମ୍ପ ଧନୀ ପ୍ରବାସୀଙ୍କ ପାଇଁ ଗୋଟିଏ ବଡ ଭିସା କାର୍ଯ୍ୟକ୍ରମ ଲଞ୍ଚ କରିବାକୁ ଯାଉଛନ୍ତି ।ଏହି କାର୍ଯ୍ୟକ୍ରମ ଅଧୀନରେ ବିଦେଶୀ ଲୋକମାନେ ଆମେରିକାର ନାଗରିକତା ପାଇ ପାରିବେ ଓ ସେମାନଙ୍କୁ ଗୋଲ୍ଡ କାର୍ଡ ମଧ୍ୟ ମିଳିବ। ସ୍ଥାୟୀ ନାଗରିକତା ପାଇଁ ଆବଶ୍ୟକ ହେଉଥିବା ଗୋଲ୍ଡ କାର୍ଡ ପାଇଁ ଟ୍ରମ୍ପ ୫ ମିଲିୟନ ଡଲାର ବା ୫୦ ଲକ୍ଷ ଡଲାର ବା ଭାରତୀୟ ମୁଦ୍ରାରେ ୪୪ କୋଟି ଟଙ୍କା ନେବେ। ଏହାର ଅର୍ଥ ୪୪ କୋଟି ଟଙ୍କା ଦେଲେ ଆମେରିକାରେ ଆପଣଙ୍କୁ ସ୍ଥାୟୀ ନାଗରିକତା ମିଳିପାରିବ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୃଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମଲଦା, ଫୁଲଝର, କୁମୁଣ୍ଡି, ଶୁଆକାଟୀ,ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କାରଖାନା କର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟ କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି। ଭାରତ୍ତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି। ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି। ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି।

# ବିଜେପି ସରକାରକୁ ଆସିବା ପରେ ବଢ଼ିଛି ନାରୀ ବିରୋଧୀ ଅପରାଧ

ଭୁବନେଶ୍ୱର, ୧୦।୩(ପି.ଏନ): ନାରୀ ନିର୍ଯାତନା ବିରୋଧରେ ସାରା ରାଜ୍ୟରେ କଂଗ୍ରେସର ଗର୍ଜନ। ବାଲେଶ୍ୱରରେ ଦୁଷ୍କର୍ମ ଓ ହତ୍ୟା, ଢେଙ୍କାନାଳରେ ଗଣବଳାତ୍କାର, କେନ୍ଦୁଝର ଜିଲ୍ଲାରେ ଷଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ। ଏହା ହେଉଛି ରାଜ୍ୟରେ ନାରୀ ନିର୍ଯାତନାର ଗୋଟିଏ ଗୋଟିଏ ଉଦାହରଣ। ତାର ପ୍ରତିବାଦରେ ଆଜି ସାରା ରାଜ୍ୟରେ ଆନ୍ଦୋଳନ କରିଛି କଂଗ୍ରେସ। ଦଳ ଅଭିଯୋଗ କରିଛି ବିଜେପି ସରକାର ହେବା ପରେ ମାତ୍ର ୮ ମାସରେ ୫୪ ଟି ଗଣବଳାତ୍କାର ହୋଇଛି। ଏହା ରାଜ୍ୟ ସରକାରର ଅସଲ ଚେହେରା ଓ ପାରିବାପଣିଆକୁ ପଦାରେ ପକାଇଛି। ହାଣ୍ଡିର ଗୋଟିଏ ଭାତ ଚିପିବା ପରି ଏହା ହେଉଛି ମୋଟାମୋଟି ଭାବେ ସାରା ରାଜ୍ୟରେ ମହିଳା ବିରୋଧୀ ହିଂସାର ଚିତ୍ର। କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାରେ ଆଜି ହଜାର ହଜାର କର୍ମୀ ଆନ୍‌ଦୋଳନ କରିଛନ୍ତି। ଭୁବନେଶ୍ୱରରେ ଅତିରିକ୍ତ ଜିଲ୍ଲାପାଳଙ୍କ




ଅଫିସ ଘେରାଉ କରିଥିଲା ଦଳ। ଆସ ଲଢ଼ିବା, ମହିଳାଙ୍କୁ ସୁରକ୍ଷା ଦେବା । ଏହି ନାରା ଦେଇଥିଲା କଂଗ୍ରେସ। ନାରୀଙ୍କୁ ସୁରକ୍ଷା ଦେଇନପାରିଲେ ଗାଦି ତ୍ୟାଗ କରିବାକୁ ବିଜେପି ସରକାରକୁ ଆହ୍ୱାନ ଦେଇଛି କଂଗ୍ରେସ ।ଏ ତ ଗଲା ସାରା ରାଜ୍ୟର ଦୃଶ୍ୟ। ବିଧାନସଭାରେ ମଧ୍ୟ ନାରୀ ନିର୍ଯାତନା ପ୍ରସଙ୍ଗରେ ଗୃହକୁ ହୁଲସ୍ଥୁଲ କରିଥିଲା କଂଗ୍ରେସ। ପ୍ରଶ୍ନକାଳ ଆରମ୍ଭରୁ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ କରିଥିଲେ। ରାଜ୍ୟରେ ନାରୀ ସୁରକ୍ଷିତ ନ ଥିବା ଅଭିଯୋଗ କରି ବିଜେପି ସରକାରରେ ଦୁଷ୍କର୍ମ, ଚୋରି ଓ ଅନ୍ୟ ଅପରାଧ ବଢିଥିବା କହିଛି କଂଗ୍ରେସ। ବିଧାୟକମାନେ ବିଧାନସଭା ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ଧାରଣା ବି ଦେଇଥିଲେ। ରାଜ୍ୟରେ ବଢି ଚାଲିଥିବା ନାରୀ ନିର୍ଯାତନା ବିରୋଧରେ ଅନ୍ତର୍ଜାତୀୟ ମହିଳା ଦିବସରେ ଜୋରଦାର ପ୍ରତିବାଦ କରିଥିଲା କଂଗ୍ରେସ। ଆଜି ରାଜ୍ୟବ୍ୟାପି ଆନ୍‌ଦୋଳନ କରିଛି। ସରକାର ଯଦି ଠୋସ୍ ପଦକ୍ଷେପ ନେଇ ମାଆ ଭଉଣୀଙ୍କୁ ସୁରକ୍ଷା ନ ଦେବେ, ଆନ୍‌ଦୋଳନ ଆହୁରି ତୀବ୍ର କରିବାକୁ ଚେତାବନୀ ଦେଇଛି କଂଗ୍ରେସ।


MAHARISHI PUBLIC SCHOOL



2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Tuesday March 11 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୧୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ଜଟାଧାର ଥାନା ଅଧିକାରିଣୀଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା



ପାରାଦୀପ,(ପି.ଏନ): ପୋଲିସ ଓ ଜନସାଧାରଣ ଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଓ ଲୋକ ଙ୍କ ମଧ୍ୟରେ ପୋଲିସ ପ୍ରତି ରହିଥିବା ଭୟକୁ ଦୁରକରିବା ପାଇଁ ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ତରଫରୁ ଆରମ୍ଭ ହୋଇଛି ନିଆରା ପ୍ରୟାସ କ୍ଷ ପାରାଦୀପ ଷଣ୍ଢକୁଦ ବସ୍ତିରେ କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ କାର୍ଯ୍ୟକ୍ରମ ରେ ତିନିଗୋଟି ଓ୍ୱାର୍ଡର ମହିଳା, ଛୋଟ ଛୋଟ ପିଲା ଓ ବୟସ୍କ ଲୋକ ମାନଙ୍କୁ ଏକାଠି କରି ମହିଳା ମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର,ଛୋଟଛୋଟ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ଗୀତ ପ୍ରତିଯୋଗିତା କରି ବସ୍ତି ବାସିନ୍ଦା ଙ୍କ ପ୍ରିୟପାତ୍ର ପାଲଟିଛନ୍ତି ନୂତନ ଥାନା ଅଧିକାରିଣୀ କଲ୍ୟାଣୀ ମୟୀ କ୍ଷେତ୍ରୀ । ବସ୍ତିରେ ବସବାସ କରୁଥିବା ସାଧାରଣ ଜନତା ଙ୍କ ମଧ୍ୟରେ କିପରି ପୋଲିସ ପ୍ରତି ଭୟ ଦୂର କରିବା, କମ ବୟସର ଯୁବକ ମାନେ ଯେଭଳି ଅପରାଧ କାର୍ଯ୍ୟକଳାପରୁ ନିବୃତ୍ତ ରହିବେ ଏବଂ ବିଶେଷକରି ଯୁବଗୋଷ୍ଠୀ ମାନେ ନିଶାସେବନ ରୁ ଦୁରେଇ ରହିବା ଏହି କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣ ଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ବୋଲି କହିଛନ୍ତି ଥାନା ଅଧିକାରିଣୀ । ତେବେ ଘର ଭିତରେ ରହି ପରିବାର ଜଞ୍ଜାଳ ମଧ୍ୟରେ ଦିନ କାଟୁଥିବା ମହିଳାମାନେ କିପରି ଘରୁ ବାହାର କୁ ଆସିବା ସହିତ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଏବଂ କିଛି ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ନିଜକୁ ସୁସ୍ଥ ରଖିବା କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ ର ମୂଳ ଉଦ୍ଦେଶ୍ୟ ରହିଥିବା ବେଳେ ଜଟାଧାର ସାମୁଦ୍ରିକ ଥାନା ଅଧିକାରିଣୀଙ୍କ ଏହି କାର୍ଯ୍ୟକୁ ଷଣ୍ଢକୁଦ ବସ୍ତିବାସିନ୍ଦା ଓ ସମସ୍ତ ପାରିଷଦ ମାନେ ସ୍ୱାଗତ କରିବା ସହିତ ସମସ୍ତେ ମିଳିମିଶି ଅପରାଧ କୁ ରୋକିବା ଏବଂ ପୋଲିସ ର ବିଭିନ୍ନ କାର୍ଯ୍ୟରେ ସହଯୋଗ ର ହାତ ବଢାଇବା ସହିତ ଥାନା ର ସମସ୍ତ ପୋଲିସ କର୍ମଚାରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ତେବେ ବସ୍ତି ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ କୁ କିପରି ରୋକା ଯାଇପାରିବ ସେଥିନେଇ ଥାନା ଅଧିକାରିଣୀ ସମସ୍ତ ଙ୍କୁ ସଚେତନ କରିଥିଲେ ଏବଂ ଏହି ମହତ ଉଦ୍ଦେଶ୍ୟ କୁ ସବୁ ମହଲ ରୁ ସ୍ୱାଗତ କରାଯାଇଛି ।

# ଧାକୁଲେଇ ପୀଠରେ ସଦର ଥାନାର ଦୋଳ ମେଲଣ ପ୍ରସ୍ତୁତି ବୈଠକ

ଫୁଲନଖରା,(ପି.ଏନ): ପ୍ରତାପନଗରୀସ୍ଥିତ ମା ଧାକୁଲେଇଙ୍କ ପୀଠରେ ସଦର ଥାନା ପକ୍ଷରୁ ଅରିଲୋ ଦୋଳ ମେଲଣର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଦର ଜୋନ ୪ ଏସିପି ଅମିତାଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମେଲଣକୁ ଶାନ୍ତିଶୃଙ୍ଖଳା ସହ ସଂପନ୍ନ କରିବ ।ପାଇଁ ଆଲୋଚନା ହୋଇଥିଲା । ଡ଼ିଜେ , ବାଜାକୁ ସଂପୂର୍ଣ୍ଣ ଭାବରେ ନିଷେଧ କରାଯାଇଛି । କେବଳ ପାରମ୍ପରିକ ବାଦ୍ୟରେ ମେଲଣ କରିବ ।ପାଇଁ ସ୍ଥିତ କରାଯାଇଛି। ବାଜା ବାଣ ଓ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ କରି ମେଲଣରେ ରୋସଣୀ କରୁଥିବା ଦୋଳ ବିମାନ ଗୁଡ଼ିକ ଥାନାରୁ ଅନୁମତି ଆଣିବେ ଏବଂ ପ୍ରତ୍ୟେକ ଦୋଳରେ ୫ ଜଣରୁ ୧୦ ଜଣ ପର୍ଯ୍ୟନ୍ତ ଭଲ୍ୟୁଣ୍ଟରି ରହିବେ । ସେମାନେ ପୁଲିସ ପ୍ରଶାସନ ସାଙ୍ଗରେ ଯୋଗାଯୋଗରେ ରହିବେ ।ଏହି ବୈଠକରେ ସଦର ଆଇଆଇସି ଓମପ୍ରକାଶ ମହାନ୍ତି , ମେଲଣ ପରିଚାଳନା କମିଟି ସଭାପତି ସୁନ୍ଦର ପବିତ୍ର ଦାସ , କାର୍ଯ୍ୟକାରୀ ସଭାପତି ପର୍ଶୁରାମ ସେନାପତି , ଗୋପାଳ ମିଶ୍ର , ପ୍ରବୀର ମହାନ୍ତି , ସାମ୍ବାଦିକ ଲଳିତ କୁମାର ଦାଶ , ଅଶୋକ ରଥ , ରାଜକିଶୋର ପଟ୍ଟନାୟକ , ବିପ୍ରଚରଣ ଭୋଳ , କାହ୍ନୁ ପାତ୍ର , ପ୍ରଣବ ପଟ୍ଟନାୟକ , ପ୍ରଶାନ୍ତ ନାୟକ , ବଂଶୀଧର ଭୋଳ , ଲିଙ୍ଗରାଜ ମହାନ୍ତି , ଦେବରଂଜନ ବୈଠାଲୁ , ଅକ୍ଷୟ ମୂଳିଆ, ଯଜ୍ଞେଶ୍ୱର ଶତପଥି , ଗଜି ରଥ , ଅଜୟ ବେଉରା ଙ୍କ ସମେତ ମହିଧରପଡ଼ା , ଦଳବାଡ଼ , ଆମଣ , ଶାସୋଳ , ନଗରୀ , ଅରଡ଼ିଆପଦା , ନାଗବାଲି , ଖଣ୍ଡେଏତା , ଧାନଘରପଡ଼ା , ଜଗନ୍ନାଥପୁର , ଖଲର୍ଦ୍ଧା , ଗୋହଳ , ଭୀମପୁର , ଯୋହଳ ଦୋଳ ଠାକୁରଙ୍କ ମାର୍ଫତଦାର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସଦର ଥାନା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓଡ଼ିଶା ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି: କଂଗ୍ରେସ



ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ମହିଳାମାନେ ପ୍ରତି ଅତ୍ୟାଚାର, ଅସଦାଚରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ବହୁମାତ୍ରାରେ ଦିନକୁ ଦିନ ବଢ଼ି ବଢ଼ିଚାଲିଛି। ଏହାର ପ୍ରତିବାଦରେ ଓ ନିରାକରଣ ପାଇଁ ଆଜି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତଚରଣ ଦାସ ଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତିଙ୍କ ପୌରହିତରେ ଆୟୋଜନ ହୋଇଥିଲା। ରାଜ୍ୟରେ ମହିଳାମାନେ ଆଜି ସଂପୂର୍ଣ୍ଣ ରୂପେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ଏବଂ ଏହି ବର୍ଗଙ୍କୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରୁନାହାନ୍ତି ବା କରିପାରୁନାହାନ୍ତ, ତାହାଲେ କିଭଳି ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି ଓ ଦେଖାଉଛନ୍ତି। ତାହା ଆଜି ବଡ଼ ପ୍ରଶ୍ନବାଚୀ ହୋଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତଚରଣ ଦାସ ଏହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି ଆସନ୍ତା ଦିନରେ ରାଜ୍ୟ କଂଗ୍ରେସ ଏ ସରକାରଙ୍କୁ ତିଳେମାତ୍ର ସହ୍ୟ କରିବ ନାହିଁ, ଯେପର୍ଯ୍ୟନ୍ତ ମହିଳାମାନଙ୍କୁ ସଂପୂର୍ଣ୍ଣରୂପେ ସୁରକ୍ଷା ପ୍ରଦାନ କରାଯାଇନାହିଁ। ରାଜ୍ୟରେ ଏହି ୮ମାସର ସରକାର ସମୟରେ ୫୪ଟି ଗଣଧର୍ଷଣ, ଧର୍ଷଣ ଓ ଧର୍ଷଣଜନିତ ମୃତ୍ୟୁ ଘଟିଛି। ରାଜ୍ୟରେ ଏଭଳି ଏକ ଜିଲ୍ଲା ନାହିଁ ଯେଉଁଠାରେ ଏଭଳି ଅମାନୁଷିକ, ବର୍ବର ଓ ପାସବିକ ଅତ୍ୟାଚର ଏ ରାଜ୍ୟର ମା' ଭଉଣୀ ଓ ଛାତ୍ରୀମାନଙ୍କ ଉପରେ ହୋଇନାହିଁ। ମହାମହିମ ରାଷ୍ଟ୍ରପତିଙ୍କ ନିଜ ଜିଲ୍ଲାରେ ଜଣେ ଆଦିବାସୀ ଝିଅଙ୍କ ଧର୍ଷଣ କରାଗଲା, ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାର ଚମ୍ପୁଆ, ତେଲକୋଇ ଅଂଚଳରେ ଷଷ୍ଠ ଓ ନବମ ଶ୍ରେଣୀର ଛାତ୍ରୀଙ୍କୁ ଧର୍ଷଣ ଏବଂ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତି। ଯାଜପୁର ଜିଲ୍ଲାର କନ୍ୟାଶ୍ରମର ଛାତ୍ରୀ ଗର୍ଭବତୀ, ମାଲକାନାଗିରିର ଚିତ୍ରକୁଣ୍ଡାର ମାଟ୍ରିକ୍ ପରିକ୍ଷାର୍ଥୀ ଆଦିବାସୀ ଝିଅଟି ମାତୃତ୍ୱ ଲାଭ କରିବା, ଏହା ଆମ ରାଜ୍ୟର ସାମଗ୍ରିକ ମହିଳାମାନଙ୍କ ସୁରକ୍ଷା ଓ ସ୍ଥିତିପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହାମହିମ ରାଷ୍ଟ୍ରପତି ଏ ସମସ୍ତ ଘଟଣା ତାଙ୍କ ଜ୍ଞାତସାରରେ ଥିବ। କିନ୍ତୁ ଅନ୍ୟରାଜ୍ୟରେ ଘଟୁଥିବା ଘଟଣାକୁ ନିନ୍ଦାକରୁଥିଲାବେଳେ ନିଜ ରାଜ୍ୟରେ ଏଭଳି ସ୍ଥିତି ପ୍ରତି ସାମାନ୍ୟ କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଚିନ୍ତାର ବିଷୟ। ମହିଳାମାନଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା, ରାଜ୍ୟ କଂଗ୍ରେସର ଏକମାତ୍ର ଦାବି ବୋଲି ସେ ରୋକ୍ ଠୋକ ଶୁଣାଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅତିକ୍ଷୋଭ ଓ ଦୁଃଖର ସହିତ କହିଲେ ଯେ, ଗୋଟେ ପଟେ ଏକକୋଟି ସୁଭଦ୍ରାଙ୍କୁ ୫ ହଜାର ଟଙ୍କା ଦେଇ ନିଜକୁ ଭଗବାନ ବୋଲି ଭାବୁଥିବା ଡବଲ ଇଞ୍ଜିନ ସରକାର ଦୟାକରି କହିବେ କି ଆଜି ଶହ ଶହ ସୁଭଦ୍ରାଙ୍କ ପ୍ରତି ପାଶବିକ ଅତ୍ୟାଚାର, ଧର୍ଷଣ ଓ ଗଣଧର୍ଷଣ ଘଟୁଥିଲାବେଳେ ଏ ସରକାର ଚୁପ୍ କାହିଁକି, ଏହା କ'ଣ ଏକ ସରକାରର କର୍ତବ୍ୟ କି? ବେଟି ପଢ଼ାଓ ଓ ବେଟି ବଚାଓର ନାରା ଆଜି କେବଳ ନାରାରେ ରହିଯାଇଛି। ଏ ରାଜ୍ୟର ମହିଳା ଆଜି ସଂପୂର୍ଣ୍ଣ ଅସୁରକ୍ଷିତ। ରାଜ୍ୟ ଆଜି ଏକ ଅପରାଧ ପ୍ରବଣ ରାଜ୍ୟ ବୋଲି ମାନ୍ୟତା ପାଇସାରିଲାଣି। ଏହା ଆମ ଡବଲ ଇଞ୍ଜିନ ସରକାର ସବୁଠାରୁ ବଡ଼ ଉପଲବ୍ଧି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଥିଲେ ଯେ ଆଇନର ତରାଜୁ ଜଣେ ମହିଳାଙ୍କ ହାତରେ। କିନ୍ତୁ ଏ ଡବଲ ଇଞ୍ଜିନର ସରକାର ଏ ପ୍ରତି ଧ୍ୟାନ ଦେଉନାହାନ୍ତି। ରାଜ୍ୟର ମହିଳା ଯେତେ ସୁରକ୍ଷିତ ହେବେ ରାଜ୍ୟ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସେତେ ମଜଭୂତ ହେବ। ରାଜ୍ୟରେ ଆଦିବାସୀ ସ୍କୁଲ ଛାତ୍ରମାନଙ୍କ ପ୍ରତି ହେଉଥିବା ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସାରା ଦେଶରେ ରାଜ୍ୟକୁ ବଦନାମ କରିଛି। କିନ୍ତୁ ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଜେପି ଦଳର କୌଣସି ନେତା ମୁହଁ ଖୋଲୁନାହାନ୍ତି। ପୂର୍ବତନମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ କଟୁସମାଲୋଚନା କରି କହିଥିଲେ ଯେ, ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ସଂଗୀନ ଅପରାଧ ଓ ଅତ୍ୟାଚାର ଆଜି ବିଜେପି ଦଳର ମନୁବାଦି ଚିନ୍ତାଧାରାର ମୁଖ୍ୟକାରଣ ବୋଲି କହିଥିଲେ। ବିଜେପି ଦଳ ମନୁବାଦି ଚିନ୍ତାଧାରାରେ ଓ ଆଦର୍ଶରେ ଅନୁପ୍ରାଣିତ। ତେଣୁ ମନୁବାଦିମାନେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରନ୍ତି ନାହିଁ। ମହିଳା ମଧୁସ୍ମିତା ଆଚାର୍ଯ୍ୟ, ପ୍ରଭାବତି ପଟ୍ଟନାୟକ, ନିରୁପମା ପାତ୍ର, ଶ୍ରୀୟା ମହାନ୍ତି ଓ ବହୁ ମହିଳା କଂଗ୍ରେସ ନେତ୍ରୀମାନେ ଆଜି ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅପରାଧକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟ ସରକାର ତୁରନ୍ତ ଏହାର ନିରାକରଣ ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ସେହିଭଳି ଭାବରେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ ଓ ଦେବାଶିଷ ପଟ୍ଟନାୟକ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୁଦ୍ଧରେ ବିକ୍ଷୋଦ୍‌ଗାର କରିଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାସ ତାଙ୍କ ନିଜ ବକ୍ତବ୍ୟରେ କହିଥିଲେ ଯେ ଯେପର୍ଯ୍ୟନ୍ତ ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରାଯାଇପାରିବ ନାହିଁ, ସେ ପର୍ଯ୍ୟନ୍ତ ରାଜ୍ୟ କେବେହେଲେ ଏକ ବିକଶିତ ରାଜ୍ୟ ହୋଇପାରିବ ନାହିଁ ବୋଲି କହିଥିଲେ। ବିଶେଷ କରି ଆଦିବାସୀ ଓ ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନଙ୍କ ପ୍ରତି ହେଉଥିବା ଦୁଷ୍କର୍ମକୁ କେବେ ବରଦାସ୍ତ ରାଜ୍ୟ କରିବ ନାହିଁ। ରାଜ୍ୟରେ ଏ ୮ ମାସ ଭିତରେ ମହିଳାଙ୍କ ପ୍ରତି ହେଉଥିବା ୧୬ ଶହ ସଂଗୀନ ଅପରାଧ ବିଭିନ୍ନ ଥାନାରେ ପଞ୍ଜିକୃତ ହୋଇଛି। ଏ ସରକାର ବିରୁଦ୍ଧରେ ଏ ଲଢ଼େଇ ଆରମ୍ଭ ମାତ୍ର। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ସୁବ୍ରତ ମହାପାତ୍ର, ଶୁଭେନ୍ଦୁ ମହାନ୍ତି,ମାନସ ଆଚାର୍ଯ୍ୟ, ମିହିର ଆଚାର୍ଯ୍ୟ, ମାନସୀ ଦାସ ପଟ୍ଟନାୟକ, ଗୀତାଞ୍ଜଳି ମହାନ୍ତି, ସ୍ନେହା ଜେନା, ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ଆଶିଷ ମଲ୍ଲିକ, ରଜନୀ ମହାନ୍ତି ଓ ଅନ୍ୟମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଜୟକୃଷ୍ଣ ମଲ୍ଲିଆ, ଖଗେଶ୍ୱର ମଲ୍ଲିକ, କୃଷ୍ଣଚନ୍ଦ୍ର ପତି ଓ ଆତ୍ମାରାମ ପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।




ଡଃ ସୁନୀତି ମୁଣ୍ଡଙ୍କ ନେତୃତ୍ୱରେ ଆଜି ଭୁବନେଶ୍ୱରସ୍ଥିତ ବୁଲନ୍ ଭାଇ ସେବା ସଦନ ଠାରେ ଦୀକ୍ଷା ଫାଉଣ୍ଡେସନ ଟ୍ରଷ୍ଟର କୋର କମିଟି ବନ୍ଧୁମିଳନ ଅୟୋଜିତ ହୋଇଯାଇଛି। ଏହି ବନ୍ଧୁ ମିଳନରେ ମହିଳା ମାନଙ୍କୁ ଅଧିକ ସ୍ୱତନ୍ତ୍ର, ଶକ୍ତିଶାଳୀ ତଥା ଦୃଢ଼ମନା ହେବାକୁ କିଛି ଉପାୟ ଶିକ୍ଷା ଦେବା ସହିତ ସୁନ୍ଦର ଓ ସୁସ୍ଥ ଜୀବନ ବଞ୍ଚିବାର ଉପାୟ ଉପରେ ଆଲୋକପାତ କରାଯାଇଥିଲା।

# ଯେ.ଏନ.ଭି.କା କପ୍ - ସିଜିନ୍ ୩ ଓ୍ୟୁଏଟି କ୍ରିକେଟ୍ ଗ୍ରାଉଣ୍ଡରେ ରୋମାଞ୍ଚକର ଫାଇନାଲ୍ ସହିତ ଶେଷ ହୋଇଛି

ଭୁବନେଶ୍ୱର,(ପି.ଏନ): ଯେଏନଭିକା କପ୍ - ସିଜିନ୍ ୩ ଭୁବନେଶ୍ୱରର। ଓ୍ୟୁଏଟି କ୍ରିକେଟ୍ ଗ୍ରାଉଣ୍ଡରେ ଏକ ଚମତ୍କାର ମୁକାବିଲା ସହିତ ଶେଷ ହୋଇଛି, ଯେଉଁଥିରେ ୧୭ ଜିଲ୍ଲା ଏବଂ ୧୮ ବିଭିନ୍ନ ବ୍ୟାଚ୍ ର ୭୦+ ଖେଳାଳି ଏବଂ ୩୦୦ ରୁ ଅଧିକ ଦର୍ଶକଙ୍କୁ ଏକତ୍ରିତ କରାଇଥିଲା। ଟୁର୍ଣ୍ଣାମେଣ୍ଟରେ ଚାରୋଟି ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଦଳ ଥିଲା, ପ୍ରତ୍ୟେକ ଦଳ ଅସାଧାରଣ ଦକ୍ଷତା ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲା। ଅଶୋକ ନାୟକ ଏବଂ ଅଭିଜିତ୍ ଦାସଙ୍କ ନେତୃତ୍ୱରେ ଆରାବଳି ଫୋନିକ୍ସ ଦୃଢ଼ ଦୃଢ଼ତାର ସହିତ ଲଢ଼ିଥିଲେ। ଡକ୍ଟର ସଂଗ୍ରାମ ମହାପାତ୍ର ଏବଂ ଡକ୍ଟର ଅହମ୍ମଦ ରାଜାଙ୍କ ମାର୍ଗଦର୍ଶନରେ ନୀଳଗିରି ସ୍ୱାର୍ଟନ୍ସ ସମଗ୍ର ଟୁର୍ଣ୍ଣାମେଣ୍ଟରେ ରଣନୈତିକ ଖେଳ ପ୍ରଦର୍ଶନ କରିଥିଲେ। ରାକେଶ ଦାସ ଏବଂ ବିଦ୍ୟାରାଜ ମିଶ୍ରଙ୍କ ନେତୃତ୍ୱରେ ଶିବାଲିକ୍ ଡେୟାରଡେଭିଲ୍ସ ମ୍ୟାଚ୍ ଗୁଡ଼ିକରେ ଏକ ଆକ୍ରମଣାତ୍ମକ ଧାର ଆଣିଥିଲେ। ଏହି ସମୟରେ, ଡକ୍ଟର ପ୍ରଦ୍ୟୁତ ପ୍ରଧାନ ଏବଂ ଅନିଲ ମିଶ୍ରଙ୍କ ନେତୃତ୍ୱରେ ଉଦୟଗିରି ଲାୟନ୍ସ। ଉତ୍କୃଷ୍ଟ ପ୍ରଦର୍ଶନ ପ୍ରଦାନ କରିଥିଲେ, ଯାହା ଟୁର୍ଣ୍ଣାମେଣ୍ଟକୁ ସମସ୍ତଙ୍କ ପାଇଁ ଏକ ଉତ୍ସାହଜନକ ଅଭିଜ୍ଞତା ଦେଇଥିଲା। ମୋଟ ଛଅଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା, ଯାହା ଫଳରେ । ନୀଳଗିରି ସ୍ୱାର୍ଟନ୍ସ ଏବଂ ଉଦୟଗିରି ଲାୟନ୍ସ ମଧ୍ୟରେ ଏକ ଉଚ୍ଚ-ପ୍ରତିଦ୍ୱନ୍ଦ୍ୱୀ ଗ୍ରାଣ୍ଡ ଫିନାଲେ ହୋଇଥିଲା। ଏକ ରୋମାଞ୍ଚକର ମୁକାବିଲାରେ, ନୀଳଗିରି ସ୍ୱାର୍ଟନ୍ସ ମାତ୍ର ୨ ରନରେ ବିଜୟ ହାସଲ କରି ଚାମ୍ପିଅନସିପ୍ ଟାଇଟଲ ହାସଲ କରିଥିଲା, ଏବଂ ଶେଷ ସ୍କୋର ୭୯ ରନ ଥିଲା।ଏହି ଅବସରରେ ଗୌରବ ବୃଦ୍ଧି କରି, ପ୍ରଫେସର ଏଲ.କେ. ବାବୁ (ଡିନ୍, ଛାତ୍ର କଲ୍ୟାଣ, ଓ୍ୟୁଏଟି, ଭୁବନେଶ୍ୱର)। ସମ୍ମାନିତ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ତାଙ୍କର ମୂଲ୍ୟବାନ ଉପସ୍ଥିତି ଏବଂ ଉତ୍ସାହ ପାଇଁ କେନ୍ଦ୍ରାପଡ଼ା ନବୋଦୟ ଆଲୁମୁନି ସଂଘ ଦ୍ୱାରା ସମ୍ମାନିତ ହୋଇଥିଲେ। ଡକ୍ଟର ଉଦୟଭାନୁ ରାଉତ, ଲିଆକତ ଅଲି, ରାହୁଲ ବିଶ୍ୱାଲ, ଅଭିଷେକ ସାହୁ, ଲିପସିତା ନାୟକ, ପେନକୁଇନ୍ ଏବଂ ସୁଭମ ଦେହୁରୀଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ନବୋଦୟ ଆଲୁମୁନି ସଂଘ ଆୟୋଜନ କମିଟିର ଅକ୍ଳାନ୍ତ ପ୍ରୟାସ ଯୋଗୁଁ ଟୁର୍ଣ୍ଣାମେଣ୍ଟର ସଫଳତା ସମ୍ଭବ ହୋଇପାରିଥିଲା, ଯେଉଁମାନେ ସୁଗମ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ପରଦା ପଛରେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ମ୍ୟାଚ୍ ଗୁଡ଼ିକୁ ଅମ୍ପାୟାର ସୁଜିତ ସାହୁ, ସୁଧାଂଶୁ ଶତ୍ରୁଜିତ ଏବଂ ରୁଦ୍ର ସଥପଥୀ ପରିଚାଳନା କରିଥିଲେ, ଯେଉଁମାନେ ନିରପେକ୍ଷ ଖେଳର ଭାବନାକୁ ବଜାୟ ରଖିଥିଲେ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray